


# ନିଶାମୁକ୍ତ, ବାହ୍ୟ ଶୌଚମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ଗୁଣପୁର,୨।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ନିଶାମୁକ୍ତ ଏବଂ ବାହ୍ୟ ଶୌଚମୁକ୍ତ କାର୍ଯ୍ୟକ୍ରମ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ବିଧାୟକ ତ୍ରିନାଥ ଗମାଙ୍ଗ, ଉପଜିଲାପାଳ ଅମ୍ରିତ ଋତୁରାଜ ଏବଂ ନିର୍ବାହି ଅଧିକାରୀ ଭାବଗ୍ରାହୀ ସାହୁ ପ୍ରମୁଖ ଉପସ୍ଥିତ ରହି ନିଶାମୁକ୍ତ ରହିବା ଉପରେ ଆହ୍ୱାନ କରିଥିଲେ । ଏଥିସହ ପାଇଖାନା ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ହୋଇ ସଚେତନ କରାଯାଇଥିଲା । ୧,୨,୩,୫ ଏବଂ ୮ ନଂ ୱାର୍ଡକୁ ବାହ୍ୟ ଶୌଚମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା । ପୌର ପରିଷଦର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।






କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

# କମ୍ୟୁନିଟି ରେଡିଓ ଷ୍ଟେଶନ ଜନବାଣୀ ଉଦଘାଟିତ

**ପାରଳାଖେମୁଣ୍ଡି, ୨।୧୦(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଶିବାନନ୍ଦ ନଗରସ୍ଥ ଜନକଲ୍ୟାଣ ପ୍ରତିଷ୍ଠାନ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜନବାଣୀ-୯୦.୮ ଏଫ୍‌ଏମ୍ ତଥା କମ୍ୟୁନିଟି ରେଡିଓ ଷ୍ଟେଶନ ଉଦଘାଟିତ ହୋଇଯାଇଛି । ଜନକଲ୍ୟାଣ ପ୍ରତିଷ୍ଠାନ ମୁଖ୍ୟ ଦୁର୍ଗାମାଧବ ପଣ୍ଡାଙ୍କ ସଭାପତିତ୍ୱରେ ଭୁବନେଶ୍ୱରସ୍ଥିତ କୃଷି ସଂପ୍ରସାରଣ ପରିଚାଳନା ସଂସ୍ଥା 'ଇମେଜ'ର ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡିଓ ଜନବାଣୀକୁ ଉଦଘାଟନ କରିଥିଲେ । ବିଭିନ୍ନ ସୂଚନା ପାଇବା ସହ ଲୋକଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା କ୍ଷେତ୍ରରେ ରେଡିଓ ଜନବାଣୀ ଏକ ମାଧ୍ୟମ ବୋଲି ସେ କହିଥିଲେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ରଘୁନାଥ ପାତ୍ରଙ୍କ ସଂଯୋଜନାରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଆତ୍ମା ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନ, ଓଡ଼ିଶା କମ୍ୟୁନିଟି ରେଡିଓ ସଂଘ ସଭାପତି ଶିଶିର କୁମାର ଦାସ, ଜାତୀୟ ସଭାପତି ଏନ୍.ଏ. ଶାହା ଅନ୍‌ସାରୀ, ଇମେଜର ଉପନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର, ରାଜ୍ୟ କମ୍ୟୁନିଟି ରେଡିଓ ସଂଘର ସମ୍ପାଦକ ସେକ୍ ମହମ୍ମଦ ନିଆଜ, ଫୋକସ୍ ଓଡିଶାର ନିର୍ଦ୍ଦେଶକ ସୁଦର୍ଶନ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜନବାଣୀ ରେଡିଓ ଏଫ୍‌ଏମ୍‌ର ଐଶ୍ୱର୍ଯ୍ୟା ମହାନ୍ତି ସଂଯୋଜନା କରିଥିଲେ ।

# ଥେରୁବାଲିରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଜେକେପୁର, ୨।୧୦(ଡି.ଏନ୍.ଏ.)**

ରାୟଗଡା ଜିଲା କୋଲନରା ବ୍ଲକ ଥେରୁବାଲିସ୍ଥିତ ଇମ୍ଫା କାରଖାନା, ଶ୍ରୀଲକ୍ଷ୍ମୀ ନାରାୟଣ ବଣିକ ସଂଘ ଡିପି କ୍ୟାମ୍ପ ଓ ଥେରୁବାଲି ପଞ୍ଚାୟତ ସହଯୋଗରେ 'ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରୀଛାତ୍ର, ଗୃହିଣୀ ଓ କମ୍ପାନୀ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ପ୍ରକାର ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ କୋଲନରା ବିଡିଓ ତାପସ କୁମାର ଭୋଇ ମୁଖ୍ୟ ଅତିଥି ଏବଂ ଏବିଡିଓ ଶିବଗୋପାଳ ରାଓ, କୋଲନରା ବ୍ଲକ୍ ଉପାଧ୍ୟକ୍ଷ ତେଜରାଜ ନାଗ, ଥେରୁବାଲି ସରପଞ୍ଚ କମଳା ହିକ୍କା, ଇମ୍ଫା ଉତ୍ପାଦନ ବିଭାଗର ବରିଷ୍ଠ ମହାପ୍ରବନ୍ଧକ ଇଡିଏସ୍ ଉମାମହେଶ୍ୱର, ସ୍ଥାନୀୟ ପଲ୍ଲୀ ବିକାଶ ନିର୍ଦ୍ଦେଶକ ରାଧାଶ୍ୟାମ ପଣ୍ଡା, ଲକ୍ଷ୍ମୀନାରାୟଣ ବଣିକ ସଂଘ ଡିପି କ୍ୟାମ୍ପର ସଭାପତି ପ୍ରହଲ୍ଲାଦ ହିକ୍କା, ଇମ୍ଫା ପ୍ରଶାସନ ଓ ମାନବ ସମ୍ବଳ ବିଭାଗ ଅତିରିକ୍ତ ସାଧାରଣ ପ୍ରଶାସକ ଅଜୟ କୁମାର ବେହୁରିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଡିପି କ୍ୟାମ୍ପ ମାର୍କେଟକୁ ସଫା ରଖିବା ପାଇଁ ଇମ୍ଫା ପକ୍ଷରୁ ଲକ୍ଷ୍ମୀନାରାୟଣ ବଣିକ ସଂଘ ଡିପି କ୍ୟାମ୍ପକୁ ୧୨ଟି ଡଷ୍ଟବିନ୍, ଗୋଟିଏ ଟ୍ରାଇ ସାଇକେଲ୍ ଦିଆଯିବା ସହ ମାସିକ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି ଉପଲକ୍ଷେ ଇମ୍ଫା କର୍ମଚାରୀ, ଲକ୍ଷ୍ମୀନାରାୟଣ ବଣିକ ସଂଘ ସଦସ୍ୟ, ସ୍ଥାନୀୟ ଯୁବକ ସଂଘ, ବିଜୁ ଯୁବ ବାହିନୀର ସଦସ୍ୟମାନେ ଡିପି କ୍ୟାମ୍ପ ମାର୍କେଟ ସଫେଇ କରିଥିଲେ । ଇମ୍ଫା କାରଖାନା ମୁଖ୍ୟ କେ.ଭି ରାଓଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦୀନେଶ କୁମାର ମହାନ୍ତି, ଜ୍ଞାନରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଶରତ କୁମାର ପାଢ଼ୀ ସଂଯୋଜନା କରିଥିଲେ । ଇମ୍ଫା ଲୋକ ସମ୍ପର୍କ ବିଭାଗ ପରିଚାଳକ ଶକ୍ତିପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

# ନିଶାକୁ ନା କାର୍ଯ୍ୟକ୍ରମ

**ମୁନିଗୁଡା, ୨।୧୦ (ଡି.ଏନ୍.ଏ.)**

ଗାନ୍ଧୀ ଜୟନ୍ତୀ ଅବସରରେ ମୁନିଗୁଡା ଅଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ତରଫରୁ ଅଟଳ ବିହାରୀ ବାଜପାୟୀ ଯୁବକ ସଂଘ ସହାୟତା କ୍ରମେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରଭାତ ଫେରୀ, ପରିବେଶ ସଫେଇ, ପ୍ରତିଯୋଗିତା, ଆଲୋଚନା ସଭା, ପୁରସ୍କାର ବିତରଣ ଉତ୍ସବ କରାଯାଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର କୋରଡା, ଅତିରିକ୍ତ ତହସିଲଦାର ଆୟୁବ ମଣ୍ଡଳ, ପରିଚାଳନା କମିଟି ସଭାପତି କେଶବ ଚନ୍ଦ୍ର ସାହୁକାର, ଉପଦେଷ୍ଟା ଗୌରାଙ୍ଗ ଚରଣ ରାଉତ, ଯୁବକେନ୍ଦ୍ର ପ୍ରତିନିଧି ଲକ୍ଷ୍ମୀ ନାରାୟଣ ସେଠୀ, ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତି ଦାସ, ଆଚାର୍ଯ୍ୟ ବିଶ୍ୱଭୂଷଣ ଦାସ, ହରେନ୍ଦ୍ର ଜେନା, ମାତୃପ୍ରସାଦ ଦାସ ଯୋଗ ଦେଇଥିଲେ । ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲାବେଳେ ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ପ୍ରଦୀପ କୁମାର ମହାକୁଡଙ୍କ ସଂଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସଭାପତିଙ୍କ ନେତୃତ୍ୱରେ ନିଶାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁନିଖୋଲ ଆଶ୍ରମ ବିଦ୍ୟାଳୟରେ ପୂର୍ବତନ ପ୍ରଧାନସେବକ ଅର୍ଜୁନ କାଡ୍ରାକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ଝରଣାରାଣୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ର ଗାନ୍ଧିଜୀଙ୍କ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ ।




# ହୃଦ୍‌ଘାତରେ ଏବିଇଓଙ୍କ ମୃତ୍ୟୁ

**କାଶୀନଗର, ୨।୧୦(ଡି.ଏନ.ଏ)**

ରାୟଗଡ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ(ଏବିଇଓ) ତଥା କାଶୀନଗର ସହର ଟାଟା କଲୋନୀ ନିବାସୀ ରବିନ୍ଦ୍ର ମୁଦିଆଲୁଙ୍କର ମଙ୍ଗଳବାର ହୃଦଘାତରେ ମୃତ୍ୟୁ ଘଟିଛି । ସେ ଗାଧୁଆ ଘରେ ପଡ଼ିଯିବା ପରେ ହୃଦଘାତର ଶିକାର ହୋଇଥିଲେ । ତାଙ୍କୁ ଚିକିତ୍ସା ପାଇଁ ଶ୍ରୀକାକୁଲମ୍ ନେବା ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

# ଗାନ୍ଧୀ ଜୟନ୍ତୀରେ ଚାରାରୋପଣ

**କାଶୀନଗର, ୨।୧୦(ଡି.ଏନ.ଏ)**

କାଶୀନଗର ବନାଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଇଛି । ଆଦର୍ଶନଗର ବାଡ଼ିଗାଁ ବିଦ୍ୟାଳୟ, ବଥବା ୟୁପି ସ୍କୁଲ, ଅଲଡାସ୍ଥିତ ବିଜୟ ଆନନ୍ଦ ହାଇସ୍କୁଲ, ବିଞ୍ଝିରିଗୁଡି ନିୟୁ ପ୍ରାଇମେରୀ ସ୍କୁଲ, ଚୁଡୁଙ୍ଗପୁର ସରକାରୀ ଉନ୍ନୀତ ବିଦ୍ୟାଳୟ, ଗାଇବା ସରକାରୀ ହାଇସ୍କୁଲ, ନିୟୁ ସାରା ଉ.ପ୍ରା ସ୍କୁଲ, ଅଲଡା ସେଣ୍ଟ ଜୋନ୍‌ସ ସ୍କୁଲ ଓ ସେଣ୍ଟ ଜୋହନ୍ସ ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା । ନିଧି ସ୍ୱାଇଁ, ବିଜୟ କୁମାର ମହାରଣା, ଜଗଦାନନ୍ଦସାହୁ, ଧର୍ମରାଜ ମିଶାଲ, ଜାନକୀକାନ୍ତ ମହାପାତ୍ର, କବିତାରାଣୀ ଦେବୀ, ଶୁଭଶ୍ରୀ ପଣ୍ଡା ଏବଂ ବବିତା କାର୍ଜୀ ପ୍ରମୁଖ ବନ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ସହର ପରିକ୍ରମା ପାଇଁ ବାହାରିଥିବା ପଦଯାତ୍ରା ।

**ରାୟଗଡ (ଗଜପତି), ୨।୧୦(ଡି.ଏନ.ଏ)**

ଗଜପତି ଜିଲା ରାୟଗଡ ବ୍ଲକର ଗଣ୍ଡାହାତୀ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ବିଜେଡି ବ୍ଲକ ସଭାପତି ଲକ୍ଷ୍ମଣ ଶବରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ନେତା ଏଥିରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାନା ସ୍ଲୋଗାନ ଦେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା, ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅନ୍ତର୍ଯାମୀ ଗମାଙ୍ଗ, ଜିଲା ପରିଷଦ ଉପାଧ୍ୟକ୍ଷ ଆର୍. ବିଜୟ କୁମାର, ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ, ଏମ୍‌ପି ପ୍ରତିନିଧି ହରି ବିଶ୍ୱାଳ, ସରପଞ୍ଚ ଦୁର୍ଯ୍ୟ ଶବର, ଯମୁନା ଦେବୀ ପ୍ରଧାନ, ପ୍ରତିମା ବିଶ୍ୱାଳ, ସମିତିସଭ୍ୟ ଜ୍ଞାନ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ । ଇନ୍ଦିରା ଆବାସ ଯୋଜନାରେ ୨୦ଜଣ ହିତାଧିକାରୀଙ୍କୁ ଦଶହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।



2218.2017F



ଯେଉଁମାନଙ୍କର ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ନାହିଁ, ସେମାନେ ଦିନେ ନା ଦିନେ ଭିକ୍ଷୁକ ପାଲଟିଯିବେ।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଏଆଇଏସଏଫ୍‌ର ବିକ୍ଷୋଭ

ଜୟପୁର,୨।୧୦(ନି.ପ୍ର.): ଅଖିଳ ଭାରତ ଛାତ୍ର ସଂଘ କୋରାପୁଟ ଶାଖା ତରଫରୁ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଜୟପୁର ଶ୍ରମିକ ଭବନରୁ ଏହି ଶୋଭାଯାତ୍ରା ବାହାରି ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ସାମିଲ ହୋଇଥିବା ବେଳେ ସାମ୍ବାଦିକଙ୍କ ପ୍ରତି ଆକ୍ରମଣ, ଆଞ୍ଚଳିକବାଦ ଜାତୀୟ ସଂହତି ଓ ଏକତାକୁ ବିପନ୍ନ କରିବା, ଭାଜପା ଶାସିତ ତ୍ରିପୁରାରେ ସେଣ୍ଟ୍ରାଲ ୟୁନିଭର୍ସିଟିର ଓଡିଆ ଛାତ୍ରଙ୍କ ଉପରେ ଆକ୍ରମଣ ବିରୋଧରେ ପ୍ରତିବାଦ କରାଯାଇଥିଲା । ଏହି ଶୋଭାଯାତ୍ରାରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି ଉପସ୍ଥିତ ଥିଲେ।

### ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ବୈପାରୀଗୁଡ଼ା,୨।୧୦(ଡି.ଏନ୍.ଏ.): ସୋମବାର ବୈପାରୀଗୁଡ଼ା ବ୍ଲକ କେରାପୁଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାକର ପଟ୍ଟନାୟକଙ୍କ ଅବସର ଗ୍ରହଣ ଅବସରରେ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ସୁରେଶ ଚନ୍ଦ୍ର ରଥ ଅଧକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କନକ ମଞ୍ଜରୀ ଭତ୍ରା ଓ ତ୍ରିନାଥ ପୂଜାରୀ, ଶିକ୍ଷକ ସଂଘ ସଭାପତି ଶରତ ଚନ୍ଦ୍ର ରାଉତ, ସଂପାଦକ ପତି କାଣ୍ଡିକି ଓ ଶିକ୍ଷକ ଶରତ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ସଭାରେ ସମସ୍ତ ସିଆରସିସି ଓ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ ।

### ଅବସର ସମ୍ବର୍ଦ୍ଧନା

ଜୟପୁର,୨।୧୦(ଡି.ଏନ.ଏ.): ଜୟପୁର ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ହୋତା ରବିବାର ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ହରିହର କରସୁଧା ପଟ୍ଟନାୟକ, ଉଷାରାଣୀ ଦାଶ, ସରୋଜିନୀ ମହାପାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ମଞ୍ଜୁଳା ରଥ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ଗୀତାଞ୍ଜଳି ସାଗର ଶେଷରେ ଧନ୍ୟବାଦ ଦେଇଥିଲେ। ୨୦୧୬ରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ହୋତା ଦାୟିତ୍ୱରେ ଥିଲେ।

### ଗାନ୍ଧୀ-ଶାସ୍ତ୍ରୀ ଜୟନ୍ତୀ ପାଳିତ

ଜୟପୁର,୨।୧୦(ନି.ପ୍ର./ଡି.ଏନ୍.ଏ.): ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରିଛି ଜିଲା କଂଗ୍ରେସ। ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଆହ୍ୱାନ ଓ କଂଗ୍ରେସ ନେତା ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ବିନୋଦ ମହାପାତ୍ର, ଦୁର୍ଗାପ୍ରସାଦ ସାହୁ, ସୁକାନ୍ତ ପଟ୍ଟନାୟକ, ଭେଙ୍କଟ ରାଓ ପଟ୍ଟନାୟକ, ନରି ମହାନ୍ତି, ନିହାର ବିଷୋୟୀ, ସୁକାନ୍ତ ପଟ୍ଟନାୟକ, ବ୍ରଜ ନାଗ, ହସନ ମଦାନି, ଅଜିତ ସାନ୍ତ୍ରା, ବିରେନ ମୋହନ ପଟ୍ଟନାୟକ, କାନ୍ତ ପାଢ଼ୀ, କୃଷ୍ଣଚନ୍ଦ୍ର ନେପାକ, ସୁଧୀର ପାଢ଼ୀ ଉପସ୍ଥିତ ଥିଲେ। ବିଧାୟକ ନିଜ ବକ୍ତବ୍ୟରେ ଆମ ଦଳ ଗାନ୍ଧୀଙ୍କ ନୀତି ଆଦର୍ଶରେ ଗଠିତ। ସମସ୍ତେ ଏକ ହୋଇ ଦୁର୍ନୀତିମୁକ୍ତ ଜୟପୁର ସହ ଅହିଂସା ଦୂରକରି ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।



କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ବେଶରେ ପିଲାମାନେ ।



କୁନ୍ଦୁରା ବ୍ଲକ କଂଗ୍ରେସ ସଭାପତି ତିରୁପତି ଗୁରୁଙ୍କ ଅଧକ୍ଷତାରେ ଗାନ୍ଧୀ ଜୟନ୍ତୀ ।

■ ଜୟପୁର ଐତିହାସିକ ଦଶହରା

# ଭଗବତୀଙ୍କ ପୀଠରୁ ନିମନ୍ତ୍ରଣର ଶୁଭାରମ୍ଭ

■ ଷୋଡ଼ଶ ଉପଚାର ପୂଜା ଆରମ୍ଭ

■ ଆଜ୍ଞାମାଳ ଗ୍ରହଣ କଲେ ବିଧାୟକ

ଜୟପୁର,୨।୧୦(ଡି.ଏନ୍.ଏ./ନି.ପ୍ର.)

ମୂଳାଷ୍ଟମୀ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଜୟପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ଐତିହାସିକ ଦଶହରା ପାଇଁ ନିମନ୍ତ୍ରଣର ଶୁଭ ପଡ଼ିଛି। ସେହିପରି ଭଗବତୀ, ପୁରୁଣାଗଡ଼ ଦକ୍ଷିଣକାଳୀ, ଜଗତଜନନୀ ଶକ୍ତିପୀଠରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି । ଭଗବତୀ ମନ୍ଦିରରେ ଦେବୀଙ୍କୁ ସ୍ନାନ ଓ ସହସ୍ର କୁମ୍ଭାଭିଷେକ କରାଯାଇଛି। ମନ୍ଦିର ମୁଖ୍ୟ ପୂଜକ ବୀରେନ୍ଦ୍ର ରଥ ପୂଜାର୍ଚ୍ଚନା କରି ଜୟପୁର ପୂଜା କମିଟି ଅଧକ୍ଷ ତଥା ବିଧାୟକ ତାରାପ୍ରସାଦ ବାହିନୀପତି ଓ ତାଙ୍କ ପତ୍ନୀ ମିନାକ୍ଷୀ ବାହିନୀପତିଙ୍କୁ ଦେବୀଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ । ପୁରୋହିତ କୃଷ୍ଣଚନ୍ଦ୍ର ଦାଶ, ପତ୍ରି ସିଦ୍ଧେଶ୍ୱର ଦାଶ ମନ୍ତ୍ର ଉଚ୍ଚାରଣ ସହ ଦେବୋତ୍ତର ବିଭାଗ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ପାଇଁ ଆଜ୍ଞାମାଳ ଦେଇଥିଲେ। ଗୁରୁବାରରୁ ଅବିଭକ୍ତ କୋରାପୁଟ ଜିଲାର ୮୨ଟି ଦେବୀପୀଠ ଓ ସେବାୟତଙ୍କୁ ଦଶହରା ପର୍ବରେ ଯୋଗଦେବାକୁ ନିମନ୍ତ୍ରଣ ପଠାଯିବ। ସେହିପରି ମାନସିକଧାରୀ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ପୂଜା ଆରମ୍ଭ କରିଛନ୍ତି । ଏହି ଅଖଣ୍ଡ ଦୀପ ଅଷ୍ଟମୀ ତିଥି ଯାଏଁ ରହିବ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌର ଉପାଧ୍ୟକ୍ଷ ମୁନା ରଥ, ଦୁର୍ଗା ଶର୍ମା ଦେବୋତ୍ତର ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଶ୍ୟାମସୁନ୍ଦର ରଥ, ଦୀନେଶ ନନ୍ଦ, ମନ୍ଦିର ପୂଜାକମିଟି ସଦସ୍ୟ ଉପସ୍ଥିତ ଥିଲେ ।

ରାଜାରାଜୁଡ଼ା ସମୟରୁ ଜୟପୁର ଦଶହରାକୁ ମହୀଶୂର ଦଶହରା ସହ ତୁଳନା କରାଯାଇ ଆସୁଥିଲା। ସେଠାକାର ଭଳି ଜୟପୁରରେ ଏବେମଧ୍ୟ ୧୬ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯାଏ । କନକ ଦୁର୍ଗାଙ୍କ ମୂର୍ତ୍ତି ଚୋରି ହୋଇଯିବା ପରେ କେତେକ ପରମ୍ପରା ଲୋପ ପାଇଯାଇଛି । ଜୟପୁର ଦଶହରା ଯାତ୍ରା ପାଇଁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ରାଜା ନିମନ୍ତ୍ରଣ କରୁଥିଲେ। ଅମାବାସ୍ୟା ପରେ ଅବିଭକ୍ତ କୋରାପୁଟ ଜିଲାର ୭୮ଟି ଦେବୀପୀଠ ଓ ସେବାୟତଙ୍କୁ ଚଳିତ ଦଶହରାରେ ଯୋଗଦେବା ଲାଗି ନିମନ୍ତ୍ରଣ କରାଯିବ। ନିମନ୍ତ୍ରଣ ପାଇବା ପରେ ସେଠାରୁ ଦେବୀଙ୍କ ପ୍ରତୀକ ଲାଠି, ଖଣ୍ଡା, ଛତ୍ର, ବିମାନକୁ ଭକ୍ତମାନେ କାନ୍ଧରେ ବୋହି ଚାଲିଚାଲି ଜୟପୁରରେ ଦଶମୀ ତିଥିରେ ପହଞ୍ଚିବେ। ଏହି ଲାଠିଧାରୀଙ୍କୁ ଦଶହରା ପଡ଼ିଆରେ ପାରମ୍ପରିକ ଅପରାଜିତା ପୂଜା କରାଯାଏ। ନବରଙ୍ଗପୁର ଜିଲା ଉମରକୋଟ, ରାଇଘର, କୋରାପୁଟ ଜିଲା ନନ୍ଦପୁର, ରାମଗିରି, ଜାମୁଣ୍ଡା, ପୋଡ଼ାଗଡ଼ ଭଳି ଦେବୀପୀଠରୁ ଲାଠିଧାରୀ ଚାଲିଚାଲି ଆସିଥାନ୍ତି । ଆଜିଠାରୁ ଅଧିଷ୍ଠାତ୍ରୀ ମା' ଭଗବତୀ, ଦକ୍ଷିଣକାଳିକାଙ୍କଠାରେ ୧୬ ଦିନ ବ୍ୟାପୀ ହୋମ, ଚଣ୍ଡିପାଠ ସହ ସ୍ୱତନ୍ତ୍ର ପୂଜା, ଅଖଣ୍ଡ ଦୀପ ଲାଗି ହେବ।



ଆଜ୍ଞାମାଳ ଗ୍ରହଣ କରୁଛନ୍ତି ବିଧାୟକ ତାରା ପ୍ରସାଦ ବାହିନୀପତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧରି ମାଇଲେ ଯାହା**
**ବାନ୍ଧି ମାଇଲେ ସେଇଆ ।**

ଯେକୌଣସି ପ୍ରକାରର ଆଘାତ ଶରୀର ପକ୍ଷେ ଯନ୍ତ୍ରଣାଦାୟକ ହୋଇଥାଏ। ମାରିବାର ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିକି ମାରିବା ଯାହା ବାନ୍ଧିକି ମାରିବା ଏକାକଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧୋକା ଦେଇଗଲୁ ମତେ ନାଗର**
**ମୋ ସଂସାର ହେବ ତୋ ପାଇଁ କାଳ ।**

ବିଶ୍ୱାସ ଓ ଭରସାକୁ ପାଥେୟକରି ଗଢ଼ି ଉଠିଥାଏ ସମ୍ପର୍କ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଧୋକାଦେବାକୁ ଆରମ୍ଭ କରେ, ଭରସା ତୁଟିଯାଏ । ବେଶିଦିନ ରହିପାରେ ନାହିଁ ସମ୍ପର୍କ। ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ, ଯାହାକୁ ସହ୍ୟ କରିବା କଷ୍ଟକର ହୋଇଯାଇଥାଏ। ଏପରି ସ୍ଥଳେ ପ୍ରେମ ପଥରେ ଧୋକା ଦେଇଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଜାତହେବା ସହ ଅଭିସମ୍ପାତ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ୭ ଦଫା ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

କୋରାପୁଟ,୨।୧୦(ସ୍ୱ.ପ୍ର.)

ରାଜ୍ୟ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ୭ ଦଫା ଦାବି ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ଦେଇଛି। ସପ୍ତମ ବେତନ କମିଶନ ଲାଗୁ, ଅନୁଦାନ ଆଳରେ ସତ୍ୟପାଠ କିମ୍ବା ଲିଖିତ ସୂଚନା ଦେବା ପାଇଁ ହୋଇଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର, ରିସାନଇଡ ଅର୍ଡର ପ୍ରତ୍ୟାହାର, ଯୋଗ୍ୟ ବିବେଚିତ ହେବା ଦିନଠାରୁ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଓ ଅବସର ସୁବିଧା, ଅନୁକମ୍ପା ରାଶି ଓ ଇପିଏଫ ଅର୍ଥ, ବକେୟା ଦରମା ପ୍ରଦାନ, ଚାକିରିର ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରିବା ଭଳି ଦାବି ରହିଛି। ଏହି ସବୁ ଦାବି ନେଇ ଓଷ୍ଟା କୋରାପୁଟ ଜିଲା ଶାଖା ସଂପାଦକ ବିଜୟ ଭଟ୍ଟ ଓ ଜିଲା କଲେଜ ଶିକ୍ଷକ ସଂଘ ସଭାପତି ପବିତ୍ର ବେଦାନ୍ତଙ୍କ ନେତୃତ୍ୱରେ କରାଯାଇଥିବା ଏହି ଧାରଣାରେ ଅଧାପକ କିଶୋର ଚନ୍ଦ୍ର ବେହେରା, ସୁରଥ ଡାକୁଆ, ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଭାପତି ସୁଶାନ୍ତ ଖୁଣ୍ଟିଆ, ଅନିଲ ପଟ୍ଟନାୟକ, ଅମରେନ୍ଦ୍ର ସାମଲ, ଉପେନ୍ଦ୍ର ନାରାୟଣ ଜେନା, ସୀମାଞ୍ଚଳ ଚୌଧୁରୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ।

■ ଭିଡିଓ କନଫରେନ୍ସିଂରେ ମୁଖ୍ୟମନ୍ତ୍ରୀ

# ପୌରାଞ୍ଚଳର ୩୭୩ ଜଣଙ୍କୁ ମିଳିଲା କାର୍ଡ଼



ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରୁଛନ୍ତି ଏମ୍‌ପି ଝିନ୍ନ ହିକ୍‌କା ।

କୋରାପୁଟ,୨।୧୦(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ କାର୍ଡ଼ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଝିନ୍ନ ହିକକା କୋରାପୁଟ ପୌର ପରିଷଦର ୩୭୩ ଜଣଙ୍କୁ ଖାଉଟି କାର୍ଡ଼ ପ୍ରଦାନ କରିଛନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧକ୍ଷତା କରିଥିଲେ। ଏମ୍‌ପି ଝିନ୍ନ କହିଥିଲେ ଯେ, ଏହି ଯୋଜନାରେ କୋରାପୁଟ ଜିଲାର ୮୧ ହଜାର ୫୩୬ ଜଣ ହିତାଧିକାରୀଙ୍କୁ କାର୍ଡ଼ ଦିଆଯିବା ଲକ୍ଷ୍ୟ ରହିଛି। ବର୍ତ୍ତମାନ ସେଥିରୁ ୬୩ ହଜାର ୯୩୬ ଜଣଙ୍କ କାର୍ଡ଼ ଜିଲାରେ ପହଞ୍ଚିଛି। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଗଣେଶ୍ୱର ଚୌଧୁରି, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ଉପସ୍ଥିତ ଥିଲେ। ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ କାର୍ଯ୍ୟକ୍ରମ ପରିଚାଳନା ଓ ଏଥିରେ ସହକାରୀ ଯୋଗାଣ ଅଧିକାରୀ ରବିନାରାୟଣ ନନ୍ଦ, ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ବ୍ଲକ ଯୋଗାଣ ଅଧିକାରୀ ଏସ୍. ବେହେରା ସହଯୋଗ କରିଥିଲେ ।

■ ଜିଲାରେ ସ୍ୱଚ୍ଛ ଭାରତ ମିଶନ ପ୍ରଥମ କ୍ୟାମ୍ପର ଶୁଭାରମ୍ଭ

# 'ଲୋକଙ୍କ ଭାଗିଦାରୀ ନହେଲେ ସ୍ୱଚ୍ଛତା ଆସିବନି'

କୋରାପୁଟ/ଦାମନଯୋଡ଼ି, ୨।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲାରେ ସ୍ୱଚ୍ଛ ଭାରତ ମିଶନର ପ୍ରଥମ କ୍ୟାମ୍ପର ଶୁଭାରମ୍ଭ ହୋଇଛି। ଦାମନଯୋଡ଼ି ସ୍ଥିତ ନାଲକୋର ଟ୍ରେନିଂ ସେଣ୍ଟରରେ ମଙ୍ଗଳବାର ଆୟୋଜିତ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ କ୍ୟାମ୍ପର ଶୁଭାରମ୍ଭ କରିବା ସହ ସ୍ୱଚ୍ଛତା ସମ୍ପର୍କିତ ସ୍ମରଣିକା ଓ ପୋଷ୍ଟର ଉନ୍ମୋଚନ କରିଥିଲେ । ଦେଶରେ ଯେଉଁ ପର୍ଯ୍ୟନ୍ତ ଲୋକଙ୍କ ଭାଗିଦାରୀ ନହେବ, ସେ ପର୍ଯ୍ୟନ୍ତ ଦେଶରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆସିବ ନାହିଁ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ।

ନାଲକୋ ଓ ପିପିଲି ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ୨୦୧୪ରୁ ଚାଲିଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମର ୪୦୦ ଘଣ୍ଟା ଶେଷ ହୋଇଛି। ପୂର୍ବରୁ ୩୯୮ ଘଣ୍ଟା କରାଯାଇଥିବା ବେଳେ ମଙ୍ଗଳବାର ଦାମନଯୋଡ଼ିରେ ସ୍ୱଚ୍ଛତାର ୨ ଘଣ୍ଟା କାର୍ଯ୍ୟକ୍ରମ ଅଭିଯାନକୁ




କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ସ୍ୱଚ୍ଛ ଭାରତ ମିଶନର ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

### ସ୍ମରଣିକା, ପୋଷ୍ଟର ଉନ୍ମୋଚିତ

ପୂର୍ଣ୍ଣାଙ୍ଗ କରିଛି। ଏଥିରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ଅଧକ୍ଷତା କରିଥିବାବେଳେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଦେଶ ଓ ରାଜ୍ୟ ସ୍ୱଚ୍ଛ ହେବା ସହ ବିଭିନ୍ନ ରୋଗଦାଉରୁ ଲୋକେ ସୁରକ୍ଷିତ ରହିବେ । ଅନ୍ୟତମ ଅତିଥି ଭାବେ ନାଲକୋ ଦାମନଯୋଡ଼ିର ଇଡି ଦିଲ୍ଲିପ ମହାନ୍ତି, ପୂର୍ବତନ ରାଜ୍ୟ ସୂଚନା କମିଶନର ପ୍ରଫେସର ରାଧାମୋହନ, ପିପିଲି ସାଂସ୍କୃତିକ ପରିଷଦ ସଂପାଦକ ଆର.ସି. ମହାପାତ୍ର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କ ସମେତ ଭାଜପାର ଜିଲାସ୍ତରୀୟ ନେତା ଓ ନାଲକୋର ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ। ନିର୍ମଳ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଫଟୋରେ ଖବର



କୋଲାବନଗର ଉଚ୍ଚ ବିଦ୍ୟାଳୟରେ ପୂଜ୍ୟପୂଜା କମିଟି ପକ୍ଷରୁ ସଭାପତି ଆଶିଷ ପାଢ଼ୀ, ସମ୍ପାଦକ ଦିବାକର ଲେଙ୍କା ଓ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।



ନନ୍ଦପୁର ବ୍ଲକ କଂଗ୍ରେସ କମିଟି ସଭାପତି କାମେଶ କାମୁଡ଼ି ଓ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ବାଇଲିଗୁଡ଼ାଠାରେ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀ ।



ପଟ୍ଟାଙ୍ଗୀ ବ୍ଲକ ସମ୍ବାଇ ପଞ୍ଚାୟତରେ ୧ନଂ ଜୋନ୍ ସଭାପତି ନୃସିଂହନାଥ ବେହେରା ଓ ୨ ନଂ ଜୋନ୍ ସଭାପତି ଶୁକ୍ରା ଖରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀରେ କଂଗ୍ରେସ ଦଳର କର୍ମୀମାନେ ।

## ସଂକ୍ଷେପରେ

### ଟେମୃପାଲିରେ ମାଓବାଦୀ ପୋଷ୍ଟର

ମାଥିଲି, ୨।୧୦ (ଡି.ଏନ.ଏ) - ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଦୁର୍ଗମ ଟେମୃପାଲିଠାରେ ମଙ୍ଗଳବାର ମାଓବାଦୀଙ୍କ ଧମକପୂର୍ଣ୍ଣ ପୋଷ୍ଟର ଲଗାଯାଇଛି । କାଙ୍ଗରଘାଟି ଏରିଆ କମିଟି ତରଫରୁ ଲାଗିଥିବା ଏହି ପୋଷ୍ଟରରେ ମାଓବାଦୀମାନେ ଟେମୃପାଲି ଗ୍ରାମର କିଛି ଲୋକଙ୍କୁ ପୋଲିସ ଇନଫର୍ମର ସାଜିଥିବା ଦର୍ଶାଇଛନ୍ତି । ରାଜ୍ୟ ଏବଂ କେନ୍ଦ୍ରର ସରକାର ମାଓବାଦୀଙ୍କୁ ଦମନ କରିବା ପାଇଁ ଷଡଯନ୍ତ୍ର କରିଛନ୍ତି । ଏଥିରେ ଗରିବ ଲୋକଙ୍କୁ ମାଧମ କରି ସେମାନଙ୍କୁ ସୁରକ୍ଷାବାହିନୀର ଇନଫର୍ମର କରୁଛନ୍ତି । ତେବେ ଇନଫର୍ମର ହେଲେ ମଧ କିଛି ଫାଇଦା ହେବନାହିଁ । ମହିଳାଙ୍କ ଉପରେ ଅତ୍ୟାଚାର, ବିନା କାରଣରେ ମାଡ ମାରିବା ଆଦି ପୋଷ୍ଟରେ ଲେଖାଥିବା ଦେଖିବାକୁ ମିଳିଛି । ଟେମୃପାଲି ଅଞ୍ଚଳରେ ମାଓବାଦୀଙ୍କ ପୋଷ୍ଟର ଲାଗିଥିବା ନେଇ ସୂଚନା ଥିବା ମାଥିଲି ଆଇଆଇସି ଜନ ଖୁଜୁର କହିଛନ୍ତି ।

### ଝଡ଼ ତୋଫାନରେ ଘର ଭାଙ୍ଗିଲା

ଖଇରପୁଟ,୨।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ରବିବାର ଅପରାହ୍ନରେ ଝଡତୋଫାନ ହୋଇଛି। ଏଥିରେ ଅନେକ ବ୍ୟକ୍ତିଙ୍କ ଘର ଭାଙ୍ଗିଛି। ବୁଟିଗୁଡା ଗ୍ରାମର ସମରା ସରଙ୍ଗିଆ, ଲଇଖନ ସରଙ୍ଗିଆ, ରୁକୁଣା ଦୋରା, ସୁଦର ସରଙ୍ଗିଆ, ସୁଖିରାମ ପାଙ୍ଗି, ହରି ପଟି, ସଦା ପଟି, ପଟିଗୁଡା ଗ୍ରାମର ଭୀମ ମାଛା, ରାମସିଂ ମାଛା, ଜଗନ୍ନାଥ ରାଓ ପ୍ରମୁଖଙ୍କ ଘର ଗଛପଡି ଭାଙ୍ଗିଛି। ଅନେକ ସ୍ଥାନରେ ମଧ ବଡବଡ ଗଛ ଭାଙ୍ଗିପଡିଛି। ଖବରପାଇ ସୋମବାର ସକାଳେ ଅତିରିକ୍ତ ତହସିଲଦାର ଅଶ୍ୱନୀ ମହାପାତ୍ର, ଆରଆଇପ୍ରିୟଙ୍କା ପ୍ରଧାନ ଓ ରାସବେଡା ସରପଞ୍ଚ କ୍ଷତିଗ୍ରସ୍ତ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଅନୁଧାନ କରିଥିଲେ। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ପଲିଥିନ ପ୍ରଦାନ କରାଯାଇଛି।

■ ଜିଲାସ୍ତରୀୟ ଖାଦ୍ୟ ସୁରକ୍ଷା ଯୋଜନା ଉଦ୍‌ଘାଟିତ

# ଖାଦ୍ୟ ସୁରକ୍ଷା ବଳୟରେ ରହିବେ ସବୁ ପରିବାର

ମାଲକାନଗିରି,୨।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା-୨୦୧୮ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା ଉଦ୍‌ଘାଟନ କରିଥିଲେ। ଖାଦ୍ୟ ସୁରକ୍ଷା ହିଁ ଗରିବ ଦୂର କରିପାରିବ। ମୁଖ୍ୟମନ୍ତ୍ରୀ ସମସ୍ତ ଗରିବ ପରିବାରକୁ ଖାଦ୍ୟ ଯୋଗାଇ ଦେବା ପାଇଁ ଗତ ୨୦୧୪ରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିଛନ୍ତି। ଏହାଦ୍ୱାରା ପରିବାରର ଜଣେ ସଦସ୍ୟଙ୍କୁ ୫ କିଲୋ ହିସାବରେ ଚାଉଳ ମିଳବ। ରାଜ୍ୟର ସମସ୍ତ ପରବାର ରାଜ୍ୟ ଖାଦ୍ୟ ସୁରକ୍ଷା ବଳୟରେ ଆଜିଠାରୁ ସୁରକ୍ଷିତ ହୋଇ ରହିବେ ବୋଲି ମନ୍ତ୍ରୀ ବେହେରା କହିଥିଲେ। ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ମାନସ ମାଡ଼କାମି, ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧକ୍ଷ ଆଡ଼ମା ରାୱା, ଡି.ଆର.ଡି.ଏର ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଜିଲାପାଳ ଅଯୋଧାକାନ୍ତ ଶତପଥୀ, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ଜିଲା ଯୋଗାଣ ଅଧିକାରୀ ଅଭିମନ୍ୟୁ ମହାନ୍ତି ଯୋଗ ଦେଇ ଏହି ଯୋଜନାର ବିଭିନ୍ନ ଉପକାରିତା ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲାରେ ୩୮, ୧୬୧ ହିତାଧିକାରୀଙ୍କ ମଧ୍ୟରୁ ୨୫,୧୭୪ ଜଣଙ୍କୁ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସାମିଲ କରାଯାଇଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ବାରହା ଆକ୍ରମଣରେ ଜଣେ ଗୁରୁତର

ମାଲକାନଗିରି,୨।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ମୁଣ୍ଡାଗୁଡା ଗ୍ରାମରେ ମଙ୍ଗଳବାର ଏକ ଜଙ୍ଗଲି ବାରହା ଜଙ୍ଗଲ ଭିତରୁ ଆସି ମୁଣ୍ଡାଗୁଡା ଗ୍ରାମରେ ପଶିଥିଲା । ବାରାହକୁ ଦେଖି ଗ୍ରାମବାସୀ ଘଉଡାଇବାକୁ ଚେଷ୍ଟା କରୁଥିବା ବେଳେ ବାରହାଟି ସୁନାଧର ନାୟକଙ୍କ ପୁଅ ମୁନା ନାୟକଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ଡିଏଫ୍‌ଓ ସମ୍ରାଟ ଗୌଡାଙ୍କୁ ଜଣାଇବା ପରେ ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ, ରେଞ୍ଜ ଅଫିସର ବାସୁଦେବ ନାୟକ, ଫରେଷ୍ଟର ଦିପଙ୍କର ଶିଉଳି, ମୋହନ ଗୁଡିଆ, ଜଗଦିଶ କୁମାର ଦାସ, ହିମାଂଶୁ ପାଣିଗ୍ରାହୀ, ଅର୍ଜୁନ ବୁଟା, ବାବୁରାମ ଦୁରୁଆ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ମୁନାଙ୍କୁ ଡାକ୍ତରଖାନା ପଠାଇଥିଲେ। ପରେ ଜନ୍ତା ଏବଂ ଜାଲ ବିଛାଇ ବାରହାକୁ କାବୁ କରିଥିଲେ । ମାଲକାନଗିରି ପ୍ରାଣୀ ଚିକିତ୍ସାଳୟରେ ତାର ଆଶୁ ଚିକିତ୍ସା କରି ରାତିରେ ଜଙ୍ଗଲରେ ଛଡାଯିବ ବୋଲି ରେଞ୍ଜ ଅଫିସର ନାୟକ କହିଛନ୍ତି। ଆହତ ମୁନାଙ୍କୁ ବନ ବିଭାଗ ନିୟମ ଅନୁଯାୟୀ ଚିକିତ୍ସା ଏବଂ କ୍ଷତିପୂରଣ ମିଳିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



ଜନ୍ତାରେ ପଡିଥିବା ବାର୍‌ହା ।

# ଶ୍ରେଣୀଗୃହ ଉଦ୍‌ଘାଟନ କଲେ ବିଧାୟକ



ଶ୍ରେଣୀଗୃହ ଉଦ୍‌ଘାଟନ କରୁଛନ୍ତି ବିଧାୟକ ।

ଖଇରପୁଟ, ୨।୧୦(ଡି.ଏନ.ଏ.)

ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ମଙ୍ଗଳବାର ଖଇରପୁଟ ବ୍ଲକ ସଦରମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅତିରିକ୍ତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଛନ୍ତି। ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ଦିବସ ଅବସରରେ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ହୋଇଥିବା କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଛାତ୍ରୀଛାତଙ୍କୁ ପୁରସ୍କୃତ କରି ସେମାନଙ୍କୁ ଭଲ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଚାର୍ଯ୍ୟଙ୍କ ସମେତ ଗୁରୁମାଗୁରୁଜୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ଶ୍ରେଣୀଗୃହ ବିଧାୟକଙ୍କ ପାଣ୍ଠି ଅର୍ଥରେ ନିର୍ମିତ ହୋଇଛି।

# ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହେଲେ ଛାତ୍ରୀଛାତ୍ର

ମାଲକାନଗିରି,୨।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଜାତିର ପିତା ମହାତ୍ମାଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ମନୀଷ ଅଗ୍ରୱାଲ, ବିଧାୟକ ମାନସ ମାଡ଼କାମି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧକ୍ଷ ରାଡମା ରାୱା, ପୂର୍ବତନ ପୌର ପରିଷଦ ଅଧକ୍ଷା ରାଜୱନ୍ତ କୌର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ମିଶ୍ର ଓ ଅଧାପକ ରନ କୁମାର ସ୍ୱାଇଁଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଦେଶର ସ୍ୱାଧୀନତାରେ ଗାନ୍ଧୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ ଅତିଥିମାନେ କରିଥିଲେ । ପରେ ବିଜୁ ଯୁବ ବାହିନୀ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଓ ନିଶାକୁ ନା ଶୋଭାଯାତ୍ରା କରାଯାଇଥିଲା। ପୌର ପରିଷଦ ପକ୍ଷରୁ ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା ପରିପ୍ରେକ୍ଷୀରେ ଏକ ପଦଯାତ୍ରା ହୋଇ ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା । ପରେ ସେଠାରେ ଆୟୋଜିତ ସଭାରେ ବିଧାୟକ, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧକ୍ଷ, ଜିଲାପାଳ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ପୌର ପରିଷଦର ୨,୫,୭ ଓ ୮ ୱାର୍ଡକୁ ଖୋଲା ଶୌଚମୁକ୍ତ ୱାର୍ଡ ଭାବେ ଘୋଷଣା କରାଯାଇଥିଲା । ଏହି ଅବସରରେ ଜିଲାପାଳ ନିଶାକୁ ନା ଶପଥ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟପକ୍ଷରେ ଜିଲା ସଦର ମହକୁମା ବୁଟିଗୁଡା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ମଙ୍ଗଳବାରଠାରୁ ପଲିଥିନ ବର୍ଜନ ପାଇଁ ଏକ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି । ଗାନ୍ଧୀ ଜୟନ୍ତୀଠାରୁ ଜିଲାକୁ ପ୍ଲାଷ୍ଟିକ ଏବଂ ପଲିଥିନ୍ ମୁକ୍ତ ରଖିବା ପାଇଁ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ଲୋକଙ୍କୁ ବାର୍ତ୍ତା ଦେଇଥିଲେ। ଏଥିରେ ବିଧାୟକ ମାନସ ମାଡକାମି, ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ଅଧକ୍ଷ ଆଡମା ରାବା, ଜିଲାପାଳ ମନୀଷ ଅଗ୍ରୱାଲ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ର ମାନଙ୍କ ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ।

### ମାଲକାନଗିରିରେ ଗାନ୍ଧୀ ଜୟନ୍ତୀ




ପ୍ଲାଷ୍ଟିକମୁକ୍ତ ବାର୍ତ୍ତା ନେଇ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ।





ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ।
-ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ନାଲ୍‌କୋ ମହିଳା ସମିତି ସଭାନେତ୍ରୀଙ୍କ ବିଦ୍ୟାମନ୍ଦିର ପରିଦର୍ଶନ

**ଦାମନଯୋଡ଼ି,୨।୧୦(ଡି.ଏନ୍.ଏ.):** ନାଲ୍‌କୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରକୁ ନାଲ୍‌କୋ ମହିଳା ସମିତି ସଭାନେତ୍ରୀ ପ୍ରୀତିରଯ୍ ଚାନ୍ଦ ପରିଦର୍ଶନ କରିଛନ୍ତି। ଛାତ୍ରୀଛାତ୍ର ଓ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ଗହଣରେ ସେ ଦୀର୍ଘ ସମୟ ରହି ବାର୍ତ୍ତାଳାପ କରିଥିଲେ । ଏହି ଅବସରରେ ସେଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ସେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ସୀମା ମହାନ୍ତି, ଲୀନା ମହାନ୍ତି ଏବଂ ମିନାକ୍ଷୀ ମିଶ୍ର ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାମନ୍ଦିରର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନିପତି ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ଦେଇଥିଲେ । ଶିଶୁମାନଙ୍କ ଦ୍ୱାରା ଢେମସା ନୃତ୍ୟ ପରିବେଷଣ କରିଥିଲେ। ଡ. ଅଶୋକ ମହାନ୍ତି ମଞ୍ଚ ସଞ୍ଚାଳନ ଓ ବିଦ୍ୟାମନ୍ଦିର ସମ୍ପାଦକ ଅଶୋକ ନାୟକ ଧନ୍ୟବାଦ ଦେଇଥିଲେ।

### ପର୍ଯ୍ୟଟନ ସଚେତନତା ବୈଠକ

**ବୈପାରୀଗୁଡ଼ା,୨।୧୦(ଡି.ଏନ୍.ଏ.):** ପର୍ଯ୍ୟଟନର ବିକାଶ ଓ ଏହାର ଉପାଦେୟତାକୁ ନେଇ ସୋମବାର ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ସ୍ନେହଲତା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ଭୋକେସନାଲ କୋର୍ସ ଶିକ୍ଷୟିତ୍ରୀ ଶାକମ୍ଭରୀ ବରାଡ଼, କମ୍ପ୍ୟୁଟର ସଂଯୋଜକ ଡି. ପ୍ରିୟଙ୍କା, ଅଧାପକ ହିମାଂଶୁ ଶେଖର ବକ୍ସି, ମାନସୀ ଆଚାର୍ଯ୍ୟ, ଜ୍ୟୋତି ପାଢ଼ୀ, ମୌସୁମୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହାକୁ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ସତୀଶ କୁମାର ଓ ଲୁସି ବେହେରା ପରିଚାଳନା କରିଥିଲେ।

### ଜିଲା ଚିକିତ୍ସାଳୟକୁ ମିଳିଲା ଇରିଗେଶନ ବିଭାଗର ୨୧ କ୍ୱାର୍ଟର

**ଜୟପୁର,୨।୧୦(ଡି.ଏନ୍.ଏ.):** ଜୟପୁରସ୍ଥିତ ଇରିଗେସନ କଲୋନି ସ୍ଥିତ ୨୧ଟି ବାସଗୃହକୁ ଜିଲା ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି । ଉକ୍ତ ଗୃହରେ କୋରାପୁଟରୁ ସ୍ଥାନାନ୍ତର ହୋଇଥିବା ଜିଲା ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ ରହିବାର ବ୍ୟବସ୍ଥା ହୋଇଛି। ଏନେଇ ଇରିଗେସନ ବିଭାଗ ପକ୍ଷରୁ ଜିଲାପାଳ ଏବଂ ସିଡିଏମଓଙ୍କୁ ପତ୍ର ମାଧମରେ ଜଣାଇ ଦିଆଯାଇଛି। ଇରିଗେସନ କଲୋନିରେ ରହିଥିବା ପ୍ରାୟ ୨୦୦ଟି ଗୃହ ମଧ୍ୟରୁ ଅଧିକାଂଶ ବାହାର ଲୋକଙ୍କ ଜବରଦଖଲରେ ରହିଛି। ଏନେଇ 'ଧରିତ୍ରୀ'ରେ ଏକ ବିସ୍ତୃତ ଖବର ପ୍ରକାଶ ପାଇଥିଲା । ଏହାପରେ ଇରିଗେସନ ବିଭାଗ ଜବରଦଖ ଉଚ୍ଛେଦ ପାଇଁ ପ୍ରଶାସନକୁ ଚିଠି କରିଥିଲା। ଜିଲା ଚିକିତ୍ସାଳୟ ପାଇଁ ସ୍ୱାସ୍ଥ୍ୟ ବିଭାଗ ୪୦ଟି ଗୃହ ପ୍ରଦାନ କରିବାକୁ ଆବେଦନ କରିଥିଲା ।

### ପତଞ୍ଜଳି ଯୋଗ ସମିତି ଜିଲା ମହିଳା ସମ୍ମିଳନୀ

**ଜୟପୁର,୨।୧୦(ଡି.ଏନ୍.ଏ):** ବାବା ସାହେବ କଲ୍ୟାଣ ମଣ୍ଡପରେ ରବିବାର ପତଞ୍ଜଳି ଯୋଗ ସମିତିର ଜିଲା ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରାଜ୍ୟ ସମିତି କାର୍ଯ୍ୟକାରିଣୀ ସଦସ୍ୟ ଜାନକୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅତିଥି ଭାବେ ହରିଦ୍ୱାର ପତଞ୍ଜଳି ମୁଖ୍ୟ ଆଶ୍ରମର ସାଧ୍ୱୀ ସନ୍ୟାସୀ ଦେବବ୍ରତା ଏବଂ ସାଧ୍ୱୀ ଆଚାର୍ଯ୍ୟା ହେମଲତା, ରାଜ୍ୟ ମହିଳା ମୁଖ୍ୟ ଜେ. ଗିରିଜାଦେବୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପାଣିଗ୍ରାହୀ ଯୋଗ ଦେଇଥିଲେ। ସେହିପରି ପୂର୍ବାହ୍ନରେ ବୋରିଗୁମ୍ମା ତହସିଲ ସ୍ତରୀୟ ମହିଳା ସମ୍ମିଳନୀରେ ପୂଜାରିପୁଟ ଗ୍ରାମରେ ଅନୁଷ୍ଠିତ ହୋଇଥିଲା।

■ କୋରାପୁଟରେ ଫେଲ୍ ମାରିଛି ସିଟିବସ୍ ସେବା

# ଡିପୋରେ ଖତ ଖାଉଛି ୧୬ ବସ୍

**ପବନ ପାଣିଗ୍ରାହୀ**
**ଜୟପୁର,୨।୧୦**



ଦୀର୍ଘଦିନ ହେଲା ଡିପୋରେ ପଡିରହିଛି ସିଟିବସ୍ ।

କୋରାପୁଟ ଜିଲାର ୪ଟି ସହରାଞ୍ଚଳ ଓ ଗୋଟିଏ ଶିଳ୍ପାଞ୍ଚଳରେ ସିଟିବସ୍ ଚଳାଚଳ ପାଇଁ ସରକାର ୨୦ଟି ସିଟିବସ୍ ଯୋଗାଇ ଦେଇଥିଲେ। ଜୟପୁର ଦେଇଯାଇଥିବା ୨୬ ନଂ ଜାତୀୟ ରାଜପଥରେ ଥିବା ଡିପୋରେ କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ଭାବେ ୧୬ଟି ବସ୍ ଖତ ଖାଇ ପଡ଼ିଛି। ସାରା ରାଜ୍ୟରେ ଏହି ସେବା ଠିକ ଭାବେ ଚାଲିଥିବା ବେଳେ କୋରାପୁଟ ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ଲୋକପ୍ରିୟ ଯୋଜନା ଜିଲାରେ ଫେଲ ମାରିଛି ।

୨୦୧୩ରେ କୋରାପୁଟ ଜିଲା ପାଇଁ ସିଟି ବସ ସେବା ଘୋଷଣା ପରେ ୨୦୧୬ରେ ଏହା ଆରମ୍ଭ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଘରୋଇ ସହଭାଗିତାରେ କୋରାପୁଟ ଜିଲାରେ ୮୦ଟି ବସ୍ ଚଳାଚଳ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ବସ୍ ଆସିଥିଲା । ପରେ ଦ୍ୱିତୀୟ ପର୍ଯ୍ୟାୟ ବସ୍ ଆସିବା ତ ଦୂରର କଥା ; ପ୍ରଥମ ଦଫା ଆସିଥିବବା ୨୦ଟି ବସରୁ ବର୍ତ୍ତମାନ ୧୬ଟି ଖତ ଖାଉଛି । ୧୬ଟି ଗାଡ଼ିର ଚକା ନଥିବା ବେଳେ ମାଟି ଭିତରେ ପଶିଗଲାଣି। ଏପରିକି ବସ୍ ଭିତରେ ଗଛ ଉଠିଲାଣି। ଏହି ୨୦ଟି ବସ୍ କୋଟପାଡ଼, ଜୟପୁର, କୋରାପୁଟ, ସେମିଳିଗୁଡ଼ା, ଦାମାନଯୋଡ଼ି ମଧ୍ୟରେ ଚଳାଚଳ କରୁଥିଲା। ସେବା ଆରମ୍ଭରୁ ଘରୋଇ ବସ ମାଲିକମାନେ ବାଦ ବିବାଦ ଭିତରେ ରହିଥିଲେ। ସେଥିଯୋଗୁଁ ସେବା ବନ୍ଦ ହୋଇଥିଲା। ଜିଲାର ମହିଳା, ଭିନ୍ନକ୍ଷମ, ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ଏହି ୧୬ଟି ବସର୍ ରୁଟ୍ ପରମିଟ ଥିଲେ ମଧ୍ୟ ଯୋଜନାବଦ୍ଧ ଭାବେ ଏହାକୁ ପକାଇ ରଖି ସରକାରଙ୍କ ସୁନ୍ଦର ଯୋଜନାକୁ ବାଟବଣା କରୁଛି କୋରାପୁଟ ଜିଲା ପ୍ରଶାସନ।

ରାଜ୍ୟ ସରକାର ସିଟିବସ୍ ସେବା ପାଇଁ ୭ଟି ଏସ୍‌ପିଭି ଗଠନ କରିଥିବା ବେଳେ ୬୭ଟି ରୁଟ୍‌ରେ ବର୍ତ୍ତମାନ ୩୨୯ଟି ବସ୍ ଚଳାଇଛନ୍ତି । ପ୍ରତ୍ୟହ ରାଜ୍ୟର ୮୮,୫୦୦ ଜଣ ଯାତ୍ରୀ ସିଟି ବସ୍‌ର ସେବା ନେଉଛନ୍ତି । ତେଣୁ ସରକାର ସମସ୍ତ ଏସ୍‌ପିଭିକୁ ୬୫ ପ୍ରତିଶତ ଇଣ୍ଟ୍ରା-ସିଟି ସର୍ଭିସ୍ ଏବଂ ୩୫ ପ୍ରତିଶତ ଇଣ୍ଟେର-ସିଟି ସର୍ଭିସ୍ ଦେବାକୁ କହିଛନ୍ତି । ଇଣ୍ଟେର୍-ସିଟି ରୁଟ୍‌ରେ ଆସୁଥିବା ଗାଁ ଷ୍ଟପେଜ୍‌ରେ ସିଟି ବସ୍ ରଖିବାକୁ ମନା କରାଯାଇଥିବା ବେଳେ ଘରୋଇ ବସ୍‌ଗୁଡ଼ିକ ମଧ୍ୟ ଟାଉନ୍ ମଧ୍ୟସ୍ଥ ନିର୍ଦ୍ଦିଷ୍ଟ ଷ୍ଟପେଜ୍‌ରେ ରଖିବାକୁ କୁହାଯାଇ ଏଦିଗରେ ପଦକ୍ଷେପ ନେବା ପାଇଁ ପରିବହନ ବିଭାଗକୁ କୁହାଯାଇଛି। ଏସ୍‌ପିଭିଗୁଡ଼ିକରେ ଏକାଧିକ ଜିଲାର ସହର ସାମିଲ ଥିବାବେଳେ କୋରାପୁଟରେ ଗଠିତ ଜୟପୁର, କୋରାପୁଟ, ସୁନାବେଡ଼ା ସହରାଞ୍ଚଳ ପରିବହନ ନ୍ୟାସରେ ପଡ଼ୋଶୀ ଜିଲାର ସହରକୁ ସାମିଲ କରାଯାଉ ନାହିଁ। କୋରାପୁଟ ଜିଲା ପ୍ରଶାସନ ସିଟିବସ୍ ସେବାକୁ ଆଦୌ ଗୁରୁତ୍ୱ ଦେଉନଥିବା ମନେ ହେଉଛି। ଏ ସମ୍ପର୍କରେ ଆରଟିଓ ପ୍ରଭାତ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ସିଟି ବସ୍ କାହିଁକି ବନ୍ଦ ରହିଛି, ତାହାର କାରଣ ବୁଝି ଜିଲାପାଳଙ୍କ ଦୃଷ୍ଟିକୁ ନିଆଯିବ ।

## ପ୍ରତିନିଧିଙ୍କୁ ସରକାରୀ ଯୋଜନା ତାଲିମ

**ପଟ୍ଟାଙ୍ଗି,୨।୧୦(ଡି.ଏନ୍.ଏ.)**

ପଟ୍ଟାଙ୍ଗିରେ ବ୍ଲକସ୍ତରୀୟ ସରକାରୀ ଯୋଜନା ସଚେତନତା ଓ ରାଜ୍ୟ ଲୋକ ସେବା ଅଧିକାର ଅଧିନିୟମ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ତହସିଲଦାର ଡ. ଅରୁଣ ଖଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି ମୁଖ୍ୟ ଅତିଥି ଭାବେ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କୁ ସରକାରୀ ଯୋଜନା ଓ ସେବା ସମ୍ପର୍କରେ ତହସିଲଦାର ତାଲିମ ଦେଇଥିଲେ। ଶିକ୍ଷା, ଯୋଗାଣ, କୃଷି, ପଶୁ ସମ୍ପଦ, ଶିଶୁ ବିକାଶ ଓ ଜଙ୍ଗଲ ବିଭାଗ ଅଧିକାରୀମାନେ ନିଜ ବିଭାଗର ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷଦିନରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁଙ୍କ ସମେତ ଏମଜିଏନଆରଇଜିଏସ ବ୍ଲକ କାର୍ଯ୍ୟାଳୟର ଏପିଓ ସୌମେନ୍ଦ୍ର ନାୟକ, ବିଡିଓ କରୁଣାକର ପ୍ରଧାନ, ଉପାଧ୍ୟକ୍ଷ ପଦ୍ମା ଖରା, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ଏବିଡିଓ ପଦ୍ମନାଭ ତ୍ରିପାଠୀ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟର ଭାସ୍କର ଚନ୍ଦ୍ର ଡାକୁଆ, ସଞ୍ଜୟ ଦାଶ, ଗଣେଶ ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

## ନିଶା ନିବାରଣ ପାଇଁ ଶୋଭାଯାତ୍ରା

**କୋରାପୁଟ,୨।୧୦(ସ୍ୱ.ପ୍ର.)**




ବିଜୁ ଯୁବ ବାହିନୀ ପକ୍ଷରୁ ନିଶା ନିବାରଣ ପାଇଁ ବାହାରିଥିବା ଶୋଭାଯାତ୍ରା ।

ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଯୁବ ବାହିନୀ ପକ୍ଷରୁ କୋରାପୁଟରେ ନିଶା ନିବାରଣ ନେଇ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବ୍ଲକ ବିଜୁବାହିନୀ ସଂଯୋଜକ ରମେଶ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ରାଲିରେ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଜେଡି ଯୁବ ସଂପାଦକ ମଣ୍ଟୁ ବେନିଆ, ବିଜେଡି ଯୁବନେତା ଲଲାଟ ରଞ୍ଜନ ସେଠୀ, ରଘୁରାମ ମାଛ, ବିନୋଦ ନାୟକ, ଉତ୍କଳ ରଞ୍ଜନ ନାୟକ, ସନ୍ତୋଷ ପଣ୍ଡା, ଅଶ୍ୱିନୀ ସାହୁ ଉପସ୍ଥିତ ଥିଲେ। ଶତାଧିକ ବିଜୁ ବାହିନୀ ସଦସ୍ୟ ନିଶା ନିବାରଣ ପାଇଁ ବିଭିନ୍ନ ପ୍ଲାକାର୍ଡ଼ ଧରି ସହର ପରିକ୍ରମା କରିବା ପରେ କନିଷ୍ଠ ସରକାରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ସଚେତନତା ସଭା ହୋଇଥିଲା । ମୁଖ୍ୟ ଅତିଥି ଭାବେ କୋରାପୁଟ ଏମ୍‌ପି ଝିନ୍ନ ହିକକା ନିଶା ନିବାରଣ ପାଇଁ ପ୍ରଥମେ ଯୁବ ସମାଜ ଆଗକୁ ଆସିବାକୁ ପରାମର୍ଶ ଦେଇଥିଲେ।

### ଜବରଦଖଲକାରୀଙ୍କୁ ନିର୍ଦ୍ଦେଶ
## ୩ ଦିନ ଭିତରେ ଘର ଖାଲିକର

**କୋରାପୁଟ,୨।୧୦(ସ୍ୱ.ପ୍ର.)**

ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର କୋରାପୁଟ ସହରର ରଥଶର୍ମା କଲୋନି ଅଞ୍ଚଳରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ୧୦ରୁ ଊର୍ଦ୍ଧ୍ୱ ଗୃହକୁ ବୁଲଡୋଜର୍ସ ଲଗାଇ ଭାଙ୍ଗିଦିଆଯାଇଛି। କୋରାପୁଟ ତହସିଲଦାର ନେହେରୁ ମାଝି ମାଜିଷ୍ଟ୍ରେଟ ଭାବେ ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏଥିରେ ତହସିଲ କର୍ମଚାରୀ ଓ ମ୍ୟୁନିସିପାଲଟି କର୍ମଚାରୀଙ୍କ ସମେତ ୧ ପ୍ଲାଟୁନ ପୋଲିସ ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ । ସେହିପରି ସରକାରୀ ଜମିକୁ ଜବରଦଖଲ କରି ଗୃହ ନିର୍ମାଣ କରିଥିବା ବ୍ୟକ୍ତିମାନଙ୍କୁ ୩ ଦିନ ମଧ୍ୟରେ ଖାଲି କରିବା ପାଇଁ କୋରାପୁଟ ତହସିଲ ନିର୍ଦ୍ଦେଶନାମା ଜାରି କରିଛି।

■ ଜଗନ୍ନାଥ ସାଗର ପୁନରୁଦ୍ଧାର ପ୍ରସଙ୍ଗ

## ଜିଲାପାଳ ନିଷ୍ପତ୍ତି ନିଅନ୍ତୁ, ନଚେତ୍ ଆନ୍ଦୋଳନ

**ଜୟପୁର,୨।୧୦(ନି.ପ୍ର.)**

ଦୀର୍ଘ ୧୦ ବର୍ଷ ଧରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜୟପୁର ସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ସୁରକ୍ଷା ପାଇଁ ଦ୍ୱାହି ଦିଆଯାଇ ଆସୁଥିଲେ ମଧ୍ୟ ଏଯାବତ୍ ଏହାର କୌଣସି ହେଲେ ସନ୍ତୋଷଜନକ ପ୍ରତିକାର ହୋଇପାରି ନାହିଁ। ତେଣୁ ପ୍ରଶାସନ ଅନ୍ତିମ ନିଷ୍ପତ୍ତି ନେବା ପାଇଁ ସ୍ୱାଭିମାନୀ ମଞ୍ଚ ତରଫରୁ ଗଙ୍ଗାଧର ନନ୍ଦ, ଗୀତା ପ୍ରକାଶ ମିଶ୍ର ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଉକ୍ତ ଅନୁରୋଧପତ୍ରରେ ଉଲ୍ଲେଖ କରାଯାଇଛି ଯେ ଏହି ଜଗନ୍ନାଥ ସାଗର ଦିନକୁ ଦିନ ଅବସ୍ଥା ଖରାପ ଆଡ଼କୁ ଗତି କରୁଛି । ୩ ଶହ ଏକର ପରିମିତ ଏହି ସାଗର ଶେଷରେ ପୋତିହେବା ଅବସ୍ଥାକୁ ଚାଲି ଆସିଛି । ପରିଶେଷରେ ଏହାର ଚତୁର୍ଦ୍ଦିଗରେ ଥିବା ବନ୍ଧ ଓ କୂଳକୁ ମଧ୍ୟ ବିଭିନ୍ନ ଲୋକେ ଅକ୍ତିଆର କରି ଘର ଓ ଦୋକାନ ଘର ତିଆରି କରି ଚାଲିଛନ୍ତି । ସମସ୍ତଙ୍କ ଗୋଚରରେ ଦିନ ଦ୍ୱିପ୍ରହରରେ ଏହି କୁତ୍ସିତ କାର୍ଯ୍ୟ ଚାଲିଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉ ନାହିଁ । ଜୟପୁର ପୌର ପରିଷଦ ମଧ୍ୟ ଆବର୍ଜନାକୁ ଏହି ସାଗର ଭିତରକୁ ଛାଡୁଛନ୍ତି। ତେଣୁ ଏହାର ପାଣି ବିଷାକ୍ତ ହୋଇ ପଡ଼ିଛି । ଜଗନ୍ନାଥ ସାଗରର ପୁନରୁଦ୍ଧାର ପାଇଁ ସରକାର କିଛି ପ୍ରତିକାର ନ କରନ୍ତି, ତାହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ମଞ୍ଚ ପ୍ରଶାସନକୁ ଚେତାବନୀ ଦେଇଛି। ଦାବିର ନକଲ ସଚିବ ଓ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

## ଜୟପୁର ଚିକିତ୍ସାଳୟରେ ଡାକ୍ତରଙ୍କ ପ୍ରତୀକ ଧାରଣା



ଡାକ୍ତରମାନେ ପ୍ରତୀକ ଧାରଣାରେ ବସିଛନ୍ତି ।

**ଜୟପୁର,୨।୧୦(ଡି.ଏନ୍.ଏ./ନି.ପ୍ର.)**

ରାଜ୍ୟ ଡାକ୍ତର ସଂଘକୁ ନେଇ ଗଠିତ ଓମସାର ଆହ୍ୱାନ କ୍ରମେ ଜୟପୁର ଜିଲା ଚିକିତ୍ସାଳୟର ଡାକ୍ତରମାନେ ୮ଦଫା ଦାବି ନେଇ ମଙ୍ଗଳବାରରୁ ପ୍ରତୀକ ଧାରଣା ଆରମ୍ଭ ହୋଇଛି। ପୂର୍ବାହ୍ନରେ ଡାକ୍ତରମାନେ ଧାରଣାସ୍ଥଳରେ ସ୍ୱଳ୍ପ ସମୟ ପାଇଁ ଧାରଣା ଦେଇଥିଲେ । କିନ୍ତୁ ପୁଣି ନିଜ କାର୍ଯ୍ୟରେ ଯୋଗଦେଇ ରୋଗୀସେବା କରିଥିଲେ । ଏଥିରେ ମୁଖ୍ୟତଃ ଓଏମ ଏବଂ ଏଚଏସ କ୍ୟାଡର ଡାକ୍ତରଙ୍କ ପାଇଁ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କରାଯିବା ସହିତ ନିର୍ଭୟରେ ରୋଗୀସେବା କରିବାକୁ ସୁଯୋଗ ପ୍ରଦାନ, ଅସ୍ଥାୟୀ ଓ ଠିକା ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି, ଅବସର ବୟସ ସୀମା ୬୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧିକୁ ବିରୋଧ ଭଳି ଦାବି ରହିଛି। ଏହି ଧାରଣାରେ ସୁପରିଣ୍ଟେଣ୍ଡେଣ୍ଟ ଡା. ଦଧିବାମନ ତ୍ରିପାଠୀ, ଡା. ଅସୀମ ମହାନ୍ତି, ଡା.ଦୁର୍ଗାପ୍ରସାଦ ପାତ୍ର, ଡା. ସୁନୀଲ ଭତ୍ରା, ଡା. ବିଭୂତି ଭୂଷଣ ଜେନା, ଡା. ପ୍ରଶାନ୍ତ ସାମଲ, ଡା. ଅଳୁଗୁଣା ଦାସ, ଡା. ପି.କେ. ପଣ୍ଡା, ଡା. ଶତାବ୍ଦୀ ମିଶ୍ର ଯୋଗ ଦେଇଥିଲେ।

# ଦୁର୍ଗମ ଇଲାକାର ଦିଶାହୀନ ଶିକ୍ଷା

**କଳ୍ପତରୁ ମହାନ୍ତି**
**ବୈପାରୀଗୁଡ଼ା,୨।୧୦**



ପ୍ରାଥମିକ ବିଦ୍ୟାଳୟ ଆଗରେ ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଅଭିଭାବକମାନେ ।

ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି। କିନ୍ତୁ ଏସବୁ ଆଦିବାସୀ ଇଲାକାରେ ଅପହଞ୍ଚ। ବୈପାରୀଗୁଡ଼ା ବ୍ଲକ ଟିପାକୁର ପଞ୍ଚାୟତ ଭରଟି ପ୍ରାଥମିକ ବିଦ୍ୟାଳୟର ଦୃଶ୍ୟ ଦେଖିଲେ ଏହା ସ୍ପଷ୍ଟ ବାରିହେବ। ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବା ବେଳେ ଭଙ୍ଗା ଶ୍ରେଣୀଘରେ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ବାଧ ହେଉଛନ୍ତି। ବିପଦସଙ୍କୁଳ ଗୃହ ଦେଖି ପାଠ ପଢ଼ିବା ପାଇଁ ପିଲାଙ୍କୁ ଛାଡୁନାହାନ୍ତି ଅଭିଭାବକ। ଦୁର୍ଗମ ଇଲାକାର ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଦିଶାହୀନ ପାଲଟିଛି।

ଭରଟି ଗ୍ରାମସ୍ଥିତ ଏହି ବିଦ୍ୟାଳୟରେ ପଞ୍ଚମ ଶେଣୀ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ବେଳେ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ପିଲାଙ୍କୁ ଉପଯୁକ୍ତ ଦୃଷ୍ଟି ଦେବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ବିଦ୍ୟାଳୟ ଶ୍ରେଣୀଗୃହ ଅବସ୍ଥା ମଧ୍ୟ ଅତି ଶୋଚନୀୟ। ଏହାର କବାଟ ନ ଥିବା ବେଳେ ଭିତରେ ପ୍ଲାଷ୍ଟର ହୋଇନାହିଁ। ବର୍ଷାଦିନେ ଛପରରୁ ପାଣି ଝରୁଛି। ସ୍କୁଲ ଛୁଟି ହେବା ପରେ ଗୃହପାଳିତ ପ୍ରାଣୀ ସେଠାରେ ରହୁଛନ୍ତି। ୧୦ ବର୍ଷ ତଳେ ଏଠାରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଦାୟିତ୍ୱରେ ଥିବା ଶିକ୍ଷକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସବୁତକ ଟଙ୍କା ଆତ୍ମସାତ କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା। ୨ ବର୍ଷ ପରେ ଉକ୍ତ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଏବେ ଏହି ଘର ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ନେଇ ବୈପାରୀଗୁଡ଼ା ବିଇଓ ସୁଧୀର ଚନ୍ଦ୍ର ରଥଙ୍କୁ ପଚାରିବାରୁ ସଂପୃକ୍ତ ଶିକ୍ଷକଙ୍କ ମୃତ୍ୟୁକାଳୀନ ସରକାରୀ ପ୍ରାପ୍ୟରୁ ଅର୍ଥ କଟାଯାଇ ଏହାର ଭରଣା କରାଯିବ ବୋଲି କହିଛନ୍ତି। ଏହି ପ୍ରକ୍ରିୟା ଶେଷ ହେବାକୁ ବିଳମ୍ବ ହୋଇପାରେ ବୋଲି ସେ କହିଛନ୍ତି। ନୂତନ ଶ୍ରେଣୀଗୃହ ତୁରନ୍ତ ନିର୍ମାଣ ନ ହେଲେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଞ୍ଚ ଭଗବତୀ ହନ୍ତାଳ ଚେତାବନୀ ଦେଇଛନ୍ତି।

## ଫଟୋରେ ଖବର



ଲକ୍ଷ୍ମୀପୁର ବନାଞ୍ଚଳ ଅଧିକାରୀ କୁମାର ଖରାଙ୍କ ନେତୃତ୍ୱରେ ସୋମବାର ଅନୁଷ୍ଠିତ ଶିବିରରେ ବିଏସ୍‌ଏଫ୍ ଯବାନ, ବନ ସଂରକ୍ଷଣ ସମିତି ସଭ୍ୟ, ଲକ୍ଷ୍ମୀପୁର ମହାବିଦ୍ୟାଳୟର ଛାତ୍ରମାନେ ୭୧ ୟୁନିଟ୍ ରକ୍ତ ଦେଇଛନ୍ତି ।




ଦାମନଯୋଡ଼ି ନାଲ୍‌କୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ସେକ୍ଟର-୨ ବିଭାଗର 'କବ୍ ବୁଲ୍‌ବୁଲ୍' ଆନୁକୂଲ୍ୟରେ ମଙ୍ଗଳବାର ଅନୁଷ୍ଠିତ 'ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ' ।



ସେମିଳିଗୁଡ଼ା ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀରେ ଅଧକ୍ଷା କାବେରୀ ବିଶ୍ୱାଳ, ଅଧ୍ୟାପକ ଡ. ଚିତ୍ତରଞ୍ଜନ ମିଶ୍ର, ନୀଳାଞ୍ଚଳ ଆଚାର୍ଯ୍ୟ,ଡ. ଗୀତା ପଟ୍ଟନାୟକ ଓ ଉପସ୍ଥିତ ଛାତ୍ରୀଛାତ୍ରମାନେ ।



ଭଗବାନଙ୍କ ନାମ ଜପ କଲେ, ମନ ଯେ କେବଳ ଏକାଗ୍ର ହେବ ତାହା ନୁହେଁ। ମନ ଭିତରେ ନିର୍ମଳ, ପବିତ୍ର ଓ ଶୁଦ୍ଧ ହୋଇଯାଏ।
- ରମଣ ମହର୍ଷି



## ସଂକ୍ଷେପରେ

### ଗଛକୁ ପିଟିଲା ବାଇକ୍ ଜଣେ ମୃତ, ୨ ଗୁରୁତର

**ମୁନିଗୁଡା, ୨।୧୦(ଡି.ଏନ୍.ଏ.):** ରାୟଗଡା ଜିଲା ମୁନିଗୁଡା ବନଦୁର୍ଗା ମନ୍ଦିର ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ବିଷମକଟକ ବ୍ଲକ ଛାଟିକଣା ଅଞ୍ଚଳର ଜଗନ୍ନାଥ ମାଣ୍ଡିକା(୨୫)। ପ୍ରକାଶ ଯେ, ଜଗନ୍ନାଥ ତାଙ୍କର ୨ଜଣ ସାଙ୍ଗଙ୍କ ସହ ମୁନିଗୁଡାରୁ ଘରକୁ ଫେରୁଥିବା ବେଳେ ବନଦୁର୍ଗା ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଜଗନ୍ନାଥଙ୍କ ମୃତ୍ୟୁ ହାଇଯାଇଥିଲା। ଅନ୍ୟ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୁନିଗୁଡା ଆଇଆଇସି ଯଶୋବନ୍ତ ହିଆଲ, ଏସ୍ଆଇ ତରୁଣ ମହାଲି ଓ ରିଗାନ କିଣ୍ଡୋ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଗୁଣପୁର,୨।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର କଲେଜଠାରେ ମଙ୍ଗଳବାର ପଦାର୍ଥ ବିଜ୍ଞାନ ସମ୍ମାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ.ବାମଦେବ ମିଶ୍ର ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇ ଭଲ ଶିକ୍ଷା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟ ମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ଗଣେଶ୍ୱର ଶତପଥୀ, ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଅମୀୟ ରଞ୍ଜନ ମହାନ୍ତି,ସୁନିତା ଗମାଙ୍ଗ,ପ୍ରସନ୍ନ ମିଶ୍ର,ରାସାୟନିକ ବିଜ୍ଞାନ ମୁଖ୍ୟ ଡ.ନିଳମାଧବ ଦାସ, ଶଶୀଭୂଷଣ ମହାନ୍ତି, କମ୍ପ୍ୟୁଟର ବିଜ୍ଞାନ ଅଧାପକ ଶ୍ୟାମସୁନ୍ଦର ମହନ୍ତ ପ୍ରମୁଖ ଯୋଗ ଦେଇ ଭଲ ପାଠ ପଢି ସୁନାଗରିକ ହେବା ପାଇଁ ଆହ୍ୱାନ କରିଥିଲେ। ୨ୟ ଏବଂ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

### ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ

**ଗୁଣପୁର/କାଶୀପୁର ,୨।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୟନ୍ତି ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାନ୍ଧି ପବ୍ଲିକ ସ୍କୁଲ ଏବଂ ଯୁବ ଉନ୍ନୟନ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଶିଶୁ ମନ୍ଦିରଠାରେ ଶିକ୍ଷକ ଲଳିତ ଚୌଧୁରୀ ଯୋଗ ଦେଇ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସଂପାଦକ ଜଗନ୍ନାଥ ପଟ୍ଟନାୟକ, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଆଇଇଟିଠାରେ ଗାନ୍ଧୀ ଜୟନ୍ତି ପାଳନ ହେବାସହ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ହୋଇଥିଲା। ଗାନ୍ଧି ଗ୍ରୁପର ସଂପାଦକ ଡ.ଚନ୍ଦ୍ରଧ୍ୱଜ ପଣ୍ଡା ଉପସ୍ଥିତ ଥିଲେ। ଛାତ୍ରୀମାନେ ଝୋଟି ଆଙ୍କି ଥିଲେ। ସେହିପରି ଯୁବ ଉନ୍ନୟନ ସଂଗଠନ ପକ୍ଷରୁ ମଧ ଗାନ୍ଧୀଜୟନ୍ତୀ ପାଳନ ହୋଇଥିଲା। ପୁରୁଣା ବସଷ୍ଟାଣ୍ଡ ସଂଗଠନ କର୍ମକର୍ତ୍ତାମାନେ ଏକତ୍ରିତ ହୋଇଥିଲେ। ସ୍କୁଲ ଏବଂ କଲେଜର ଛାତ୍ରୀଛାତ୍ର, ଏନସିସି ପିଲାମାନେ ଭାଗ ନେଇଥିଲେ। ଉମା ଦାସ, ମୁନା ପାଣି, ବି.ସତିଷ କୁମାର, ରାମ ମହାନ୍ତି, ଶିବ ଡାକୁଆ, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଶକ୍ତି ଦାସ, କିରନ କୁମାର,ଜଗନ୍ନାଥପୁର ସରପଞ୍ଚ ଗୌରୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜିପିଏସର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଏବଂଗାନ୍ଧି ଗ୍ରୁପର ଉପାଧକ୍ଷ ଡ.ଜଗଦିଶ ପଣ୍ଡା ଯୋଗ ଦେଇଥିଲେ। କାଶୀପୁର ବ୍ଲକ କଂଗ୍ରେସ ଦଳ ପକ୍ଷରୁ ଗାନ୍ଧୀସ୍ମୃତି ନିକଟରେ ୧୫୦ତମ ଗାନ୍ଧୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାମପାଲ ସେଠିଆ,ଅନିଲ ଜୈନ,ଗଜେନ୍ଦ୍ର ନାଏକ, ପି. ଦେବେନ୍ଦ୍ର କୁମାର, ଅଭିରାମ ଜୈନ, ରବି ସତ୍ୟନାରାୟଣ, ଅଙ୍ଗଦ ନାଏକ, ପୀତବାସ ନାଏକ, ବାଳକୃଷ୍ଣ ବୈଦ୍ୟ, ବାବୁ ମହାନ୍ତୀଙ୍କ ସମେତ ବହୁ ଦଳିୟ କର୍ମୀ ଉପସ୍ଥିତ ଥିଲେ।

# ନିଶାମୁକ୍ତ ପଞ୍ଚାୟତ ଗଠନ ନିଷ୍ପତ୍ତି

**ରାୟଗଡା ଅଫିସ୍, ୨।୧୦**

ଗାନ୍ଧୀ ଜୟନ୍ତୀ ଅବସରରେ ରାୟଗଡା ଜିଲା କୋଲନରା ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରାଯିବ। ଆଗାମୀଦିନରେ ପଞ୍ଚାୟତରେ ଯେଉଁମାନେ ମଦ ବିକ୍ରି କରୁଛନ୍ତି, ସେମାନେ ରୋଜଗାରର ବିକଳ୍ପ ବ୍ୟବସ୍ଥା କରି ଆମ ଅଞ୍ଚଳକୁ ନିଶା ମୁକ୍ତ କରାଇବା ପାଇଁ ସରକାରଙ୍କ ନିକଟରେ ଅନୁରୋଧ କରାଯିବ । ମୁକୁନ୍ଦପୁର ପଞ୍ଚାୟତରେ ଆୟୋଜିତ ଗ୍ରାମସଭାରେ ଏପରି ନିଷ୍ପତ୍ତି ନିଆଯାଇଛି । ଆମ ଅଞ୍ଚଳରେ ଶହ ଶହ ଯୁବକ, ଛାତ୍ର ମଦ ପିଇ ବିପଥଗାମୀ ହେଉଛନ୍ତି । ଏମିତି କି ସଡକ ଦୁର୍ଘଟଣା, ପାରିବାରିକ କଳହ ଭଳି ଅସାମାଜିକ, କଳୁଷିତ କାର୍ଯ୍ୟରେ ଲିପ୍ତ ରହି ଶେଷରେ ମୃତ୍ୟୁବରଣ କରୁଛନ୍ତି। ଯାହାଫଳରେ ଶହ ଶହ ମହିଳା, ମା', ଭଉଣୀମାନେ ସ୍ୱଳ୍ପ ବୟସରେ ପୁତ୍ରହୀନ ଏବଂ ସ୍ୱାମୀହୀନ ହୋଇ ଦୟନୀୟ ସ୍ଥିତିରେ ଜୀବନ କଳାତିପାତ କରୁଛନ୍ତି। ଉକ୍ତ ସମସ୍ୟାକୁ ସରକାର ଗୁରୁତର ସହ ନେଇ ସମସ୍ୟାର ସମାଧାନ କରିବେ। ନଚେତ୍ ଆଗାମୀଦିନରେ ଗ୍ରାମ ପଞ୍ଚାୟତରେ ହଜାର ହଜାର ମହିଳା, ପୁରୁଷ, ବୁଦ୍ଧିଜୀବୀ, ଜନସାଧାରଣଙ୍କ ସମ୍ମତିକ୍ରମେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ । ଏଥିପାଇଁ ଯେକୌଣସି ଆଇନଶୃଙ୍ଖଳା ପରିସ୍ଥିତି ହେବ ସେଥିପାଇଁ ସରକାର ଦାୟୀ ରହିବେ । ଆସନ୍ତା ୧ ମାସ ମଧରେ ଅଞ୍ଚଳକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରାଯିବ ବୋଲି ଗାନ୍ଧୀଜୟନ୍ତୀରେ ଆୟୋଜିତ ଗ୍ରାମସଭାରେ ନିଷ୍ପତ୍ତି ହୋଇଛି । ବୈଠକରେ ସରପଞ୍ଚ ଶିବ କଣ୍ଡାଗରୀ, ୱାର୍ଡମେମ୍ବର ରାଜାରାଓ ହେପ୍ରୁକା, ସୁନାମଣୀ କିଲାକା, ରିତା କିଲାକା, ଶ୍ରୀପଦୀ କଣ୍ଡାଗରୀ, ସୁଦର୍ଶନ ଦୋରା, ଟି.ରାଜେଶ ସେନାପତି, ଆଦନା କଣ୍ଡାଗରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଗ୍ରାମସଭାରେ ଆଲୋଚନା କରାଯାଉଛି ।

**■ଯାନବାହନ ଯାଞ୍ଚ**

# ୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

**ରାୟଗଡା ଅଫିସ୍, ୨।୧୦**

ରାୟଗଡା ଏସ୍ପି ରାହୁଲ ପିଆରଙ୍କ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ଗତ ୨୪ରୁ ୩୦ତାରିଖ ପର୍ଯ୍ୟନ୍ତ ଯାନବାହନ ଯାଞ୍ଚ କରାଯାଇଥିଲା । ଏଥିରେ ମୋଟ ୧୬୫୫ଟି ଗାଡି ଯାଞ୍ଚ କରାଯାଇ ୭ଲକ୍ଷ ୧ହଜାର ୪୯୬ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଯାଞ୍ଚ ସମୟରେ ୧୩୦୦ଜଣ ବାଇକ୍ ଆରୋହୀ ହେଲମେଟ ବ୍ୟବହାର କରି ନ ଥିବାରୁ ସେମାନଙ୍କ ଠାରୁ ୩ଲକ୍ଷ ୯୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ସେହିପରି ୧୦୭ଜଣ ଡ୍ରାଇଭର ସିଟ୍ ବେଲ୍ଟ ଲଗାଇ ନ ଥିବାରୁ ସେମାନଙ୍କ ଠାରୁ ୫୩ହଜାର ଟଙ୍କା , ଗାଡି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରୁଥିବା ୨୦ଜଣଙ୍କ ଠାରୁ ୧୦ହଜାର ଟଙ୍କା, ମଦ୍ୟପାନ କରି ଗାଡି ଚଳାଉଥିବା ୪ଜଣଙ୍କଠାରୁ ୮ହଜାର ଟଙ୍କା, ୧୮ବର୍ଷରୁ କମ୍ ବୟସର ପିଲା ଗାଡି ଚଳାଉଥିବା ୪ଜଣଙ୍କଠାରୁ ୧୨୦୦ଟଙ୍କା , ବିନା ଡିଏଲରେ ଗାଡି ଚଳାଉଥିବା ୮୦ଜଣଙ୍କଠାରୁ ୬୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଗାଡି ଇନ୍ସୁରାନ୍ସ ନ ଥିବା ୫୧ଜଣଙ୍କଠାରୁ ୨୫ହଜାର ୫୦୦ଟଙ୍କା, ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ୫୩ଜଣଙ୍କଠାରୁ ୨୬ହଜାର ୫୦୦ଟଙ୍କା,ଗାଡିର ଫିଟନେସ୍, ବିପଦସଙ୍କୁଳ ଗାଡି ଚାଳନା, ଦ୍ରୁତଗତିରେ ଗାଡି ଚାଳନା କରୁଥିବା ୩୬ଜଣଙ୍କଠାରୁ ୧ଲକ୍ଷ ୨୭ହଜାର ୪୯୬ଟଙ୍କା ଜରିମାନା ଆଦାୟ କରାଯାଇଥିବା ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ପ୍ରକାଶ କରିଛନ୍ତି । ଏହି ଯାଞ୍ଚ ବେଳେ ରାୟଗଡା ଏସ୍ଡିପିଓ ରାଜକିଶୋର ଦାସ, ଆର୍‌ଟିଓ ଦିଲୀପ କୁମାର ଦଳେଇ, ମୋଟର ଭେହିକିଲ୍ ଇନ୍ସପେକ୍ଟର ହୃଷିକେଶ ନାୟକ, ଟ୍ରାଫିକ୍ ଇନ୍ସପେକ୍ଟର ଯୁଧିଷ୍ଠିର ଲେଙ୍କା, ଏସ୍ଆଇ ଚନ୍ଦ୍ରଶେଖର ଜେନା, କେ.ସାମନ୍ତରାୟଙ୍କ ସମେତ ଅନ୍ୟ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

**■ଖବରଦାତାଙ୍କ ଶାନ୍ତିପୂର୍ଣ୍ଣ ଅସହଯୋଗ**

# କଳାବ୍ୟାଜ ପିନ୍ଧି ଦେଲେ ଧାରଣା

**ରାୟଗଡା ଅଫିସ୍, ୨।୧୦**

ରାଜ୍ୟରେ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣ ଓ ରାୟଗଡା ଜିଲାରେ ପ୍ରଶାସନର ଖବରଦାତାଙ୍କ ପ୍ରତି ବେପାରୁଆ ମନୋଭାବ ପ୍ରତିବାଦରେ ମଙ୍ଗଳବାର ଜିଲା ସଦର ମହକୁମାର ସମସ୍ତ ଖବରଦାତା ଶାନ୍ତିପୂର୍ଣ୍ଣ ଅସହଯୋଗ କରିଛନ୍ତି। ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରି କଳାବ୍ୟାଜ୍ ପରିଧାନ କରି ଗାନ୍ଧୀ ପାର୍କଠାରେ ଧାରଣା ଦେଇଥିଲେ । ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ପ୍ରସାର କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ହେଲେ ସେମାନଙ୍କୁ ସର୍ବଦା ଆକ୍ରମଣ କରାଯାଉଥିବା ଅଭିଯୋଗ କରାଯାଇଛି । ସେହିଭଳି ଜିଲା ପ୍ରଶାସନ ମଧ ଖବରଦାତାଙ୍କ ପାଇଁ ସରକାରଙ୍କ ଯୋଜନା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଖବରଦାତାମାନେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ କରି ପ୍ରଶାସନ ତରଫରୁ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ । ପ୍ରେସ୍ ୟୁନିୟନ ସଭାପତି ଦୟାନନ୍ଦ ଖାଡଙ୍ଗାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଖବରଦାତା ସୁବାସ ଚନ୍ଦ୍ର ସୂର୍ଯ୍ୟ, ସୁରେଶ ଚନ୍ଦ୍ର ଦାଶ, ସରୋଜ ସାହୁ, ଜିଲା ସାମ୍ବାଦିକ ସଂଘ ଉପଦେଷ୍ଟା ବାଦଲ କୁମାର ତା, ପ୍ରେସକ୍ଲବ୍ ସଭାପତି ରଞ୍ଜନ କୁମାର ରଥ ପ୍ରମୁଖ ସାମିଲ୍ ହୋଇଥିଲେ ।



ଖବରଦାତାମାନେ ଧାରଣାରେ ବସିଛନ୍ତି ।

**ନଗର ଭବନ ଭଙ୍ଗା ଉଦ୍ୟମ ପ୍ରସଙ୍ଗ**

# ଆଇନ୍ କାନୁନ ମାନୁନି ପ୍ରଶାସନ

**ରାୟଗଡା ଅଫିସ୍, ୨।୧୦**

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ କରାଯିବା ସହ ରାୟଗଡାର ଜନ ନାୟକ ତଥା ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତି ଓ ତାଙ୍କ ନାମରେ ନାମିତ ନଗର ଭବନକୁ ଭଙ୍ଗାଯିବା ଉଦ୍ୟମକୁ ବିରୋଧାଭାସ ଜାରି ରହିଛି । ରାୟଗଡା ଜିଲା ଯୁବ ବିକାଶ ପରିଷଦ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଛି । କୌଣସି ଆଇନ କାନୁନ ନ ମାନି ପ୍ରଶାସନ ଏଠି ରାଜ୍ୟ ଶାସନ ଚଳାଇଛି । ରାୟଗଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିକାଶ ପରିଷଦ ସଭାପତି ଶିବାଜୀ ଦାଶ ଏବଂ ସମ୍ପାଦକ କୃଷ୍ଣପ୍ରସାଦ ମିଶ୍ର ଏହା କହିଛନ୍ତି। ଅଡିଟୋରିୟମ୍ ନିର୍ମାଣ ନିମନ୍ତେ ଅତି କମ୍‌ରେ ୨ହଜାର ବର୍ଗମିଟର ସ୍ଥାନର ଆବଶ୍ୟକତା ରହିଛି । ହେଲେ ରାଜ୍ୟ ଟାଉନ୍ ପ୍ଲାନିଂ ଅଥରିଟିଙ୍କ ନିୟମ ମୁତାବକ କୃଷ୍ଣଚନ୍ଦ୍ର ନଗର ଭବନକୁ ଭାଙ୍ଗି ସେଠାରେ ଯେଉଁ ଅଡିଟୋରିୟମ୍ ନିର୍ମାଣ ହେବ ସେଥିଲାଗି ୨ ହଜାର ବର୍ଗ ମିଟର ସ୍ଥାନ ନାହିଁ। ସେହିଭଳି ଅଡିଟୋରିୟମ୍ ନିମନ୍ତେ ଆପ୍ରୋଚ ରାସ୍ତା ଆବଶ୍ୟକ ଥିବାବେଳେ ତାହା ମଧ ନାହିଁ । ଏଭଳିକି ଶବ୍ଦ ଏବଂ ବାୟୁ ପ୍ରଦୂଷଣ ହେବାର ଆଶଙ୍କା ଥିବାରୁ ଚତୁଃପାର୍ଶ୍ୱରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପରେ ତାହାର ପ୍ରଭାବ ପଡିବ । ଏଣେ ଘୋର ଟ୍ରାଫିକ ସମସ୍ୟା ମଧ ରାଜ୍ୟ ରାଜପଥରେ ଉପୁଜିବ । ଏହା ନିର୍ମାଣ ନିମନ୍ତେ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରଣାଳୟ ଅନୁମତି ନିହାତି ଆବଶ୍ୟକ। ହେଲେ ଏହି ଅନୁମତି ନିଆ ନ ଯାଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ତେଣୁ ଟେଣ୍ଡର ବାତିଲ କରିବା ନିମନ୍ତେ ବିକାଶ ପରିଷଦ ଦାବି କରିଛି । ଭଲଥିବା ନଗର ଭବନ ଖରାପ ହୋଇଛି ବୋଲି ପୌର ପରିଷଦ ଦର୍ଶାଇ ପୂର୍ତ୍ତ ବିଭାଗକୁ ଅସୁରକ୍ଷିତ ସାର୍ଟିଫିକେଟ ମାଗିଥିଲା। ପରେ ପୂର୍ତ୍ତ ବିଭାଗର ଚିଠି ନମ୍ବର ୩୬୬୪/୨୮।୮।୨୦୧୮ରେ ଅସୁରକ୍ଷିତ ଥିବା ଘୋଷଣା କରାଯାଇଛି। ଯେଉଁଦିନ ପୂର୍ତ୍ତ ବିଭାଗ ଅସୁରକ୍ଷିତ ଘୋଷଣା କଲା ସେହିଦିନ ଠାରୁ ବ୍ୟାରିକେଡ କରି ସେହି ଅଞ୍ଚଳକୁ କାହାରିକୁ ଛାଡିବା କଥା ନୁହେଁ। ହେଲେ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ କେମିତି କରାଗଲା ବୋଲି ପ୍ରଶ୍ନ କରିଛନ୍ତି। ଯଦି ଏହି ନିଷ୍ପତ୍ତିକୁ ପରିବର୍ତ୍ତନ କରା ନ ଯାଏ ତେବେ ଆଗାମୀ ଦିନରେ କୋର୍ଟ ଦ୍ୱାରସ୍ଥ ହେବୁ ବୋଲି ସୂଚନା ଦିଆଯାଇଛି।

# ସିଆରପିଏଫ୍ ପକ୍ଷରୁ ରକ୍ତଦାନ ଶିବିର



ଯୁବତୀ ଯୁବକ ରକ୍ତଦାନ କରୁଛନ୍ତି ।

**ମୁନିଗୁଡ଼ା,୨।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ଓ ୮ମ ବାଟାଲିୟନ ସିଆରପିଏଫ୍ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ଯଶବନ୍ତ ହିଆଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ୮ମ ବାଟାଲିୟନ ସିଆପିଏଫ୍ କମାଣ୍ଡାଣ୍ଟ ଏନ୍.କେ. ସିଂ, ମୁନିଗୁଡା ଏସ୍ଡିପିଓ ଚନ୍ଦ୍ରଶେଖର ହେତା, ଡେପୁଟି କମାଣ୍ଡାଣ୍ଟ ବୃଷବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତଦାନ ମହତ ଦାନ । ରକ୍ତ ଅଭାବରୁ କେହି ମୃତ୍ୟୁବରଣ ନ କରନ୍ତୁ ଏବଂ ଗାନ୍ଧୀଜୀଙ୍କ ସେବା ଓ ସାହାଯ୍ୟର ବାର୍ତ୍ତାକୁ ନେଇ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ସିଆରପିଏଫ୍ ଯବାନ, ପୋଲିସ, ଆରପିଏଫ୍, ବିଭିନ୍ନ କ୍ଲବର ସଦସ୍ୟଙ୍କ ସମେତ ଜନସାଧାରଣ ରକ୍ତଦାନ କରିଥିଲେ । ରାୟଗଡା ବ୍ଲଡ ବ୍ୟାଙ୍କର ମୁଖ୍ୟ ଡାକ୍ତର ଡା. ମହମ୍ମଦ ଅବଦୁହାଜିଦ୍, ବି. କିଶୋର କୁମାର, ମାନସ ଜେନା, ଉମାକାନ୍ତ ମିଶ୍ର, ଅଶୋକ ପ୍ରଧାନ, ପ୍ରଦେଶ କୁମାର ବୈପାରୀ, ଶଙ୍କର ତାଡିଙ୍ଗି ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିବାରେ ସହାୟତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଥାନା ଏସ୍.ଆଇ. ତରୁଣ କୁମାର ମାହାଲୀ, ରିଗାନ୍ କିଣ୍ଡୋ, ମହିଳା ଏସ୍ଆଇ ସ୍ୱେତପଦ୍ମା ସେଠ୍, ସର୍ବେଶ୍ୱର ଖାଡାଙ୍ଗା, ସିଆରପିଏଫ୍ କିଶୋର ପଟ୍ଟନାୟକ ପରିଚାଳନା ଓ ସହଯୋଗ କରିଥିଲେ। ଉକ୍ତ ରକ୍ତଦାନ ଶିବିରରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।

# ସ୍ୱଦେଶୀ ଜାଗରଣ ମଞ୍ଚର ଶୋଭାଯାତ୍ରା

**ଗୁଣପୁର,୨।୧୦(ଡିଏନ.ଏ)**

ସ୍ୱଦେଶୀ ଜାଗରଣ ମଞ୍ଚର ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମୋଟରସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଗୁଣପୁର ଷ୍ଟେଶନଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଷ୍ଟେଶନରେ ସଫେଇ ଏବଂ ପୁରୁଣା ବସଷ୍ଟାଣ୍ଡଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ସ୍ୱଦେଶୀ ବସ୍ତୁ ଗ୍ରହଣ କରିବାକୁ ଶୋଭାଯାତ୍ରାରେ ନିବେଦନ କରାଯାଇଥିଲା । ବିଦେଶୀ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଥିଲା । ରବି ଶଙ୍କର ଗମାଙ୍ଗଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହରିହର ଶତପଥୀ, ସୁମନ ସାହୁକାର, ମୁରଲି ପୁରୁଷୋତ୍ତମ , ଆନନ୍ଦରାଓ ପ୍ରମୁଖ ଉପସ୍ଥିତ ଥିଲେ ।




ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବାହାରିଥିବା ମୋଟରସାଇକେଲ ଶୋଭାଯାତ୍ରା।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଜେକେପୁର, ୨।୧୦(ଡି.ଏନ୍.ଏ)**

ଗାନ୍ଧୀ ଜୟନ୍ତୀ ଅବସରରେ ରାୟଗଡା ଜିଲା ଗୁରୁଶବାଡିଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପ୍ରୟତନ ସଂସ୍ଥା ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରୟତନ ସଂସ୍ଥାର ପ୍ରୋଜେକ୍ଟ ଅଫିସର ରାଜାରାମ ମଲ୍ଲିକ ଓ ଅଜିତ ଉପାଧ୍ୟାୟ ଯୋଗ ଦେଇଥିଲେ। ସିଓ ଟି.ଜ୍ୟୋତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଗୁରୁଶବାଡି ଗ୍ରାମର ସ୍କୁଲ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ସହ ଲୋକମାନଙ୍କୁ ସଚେତନ କରିଥିଲେ । ପ୍ରତ୍ୟେକ ଦିନ ନିଜ ଗ୍ରାମ ସଫା ରଖିବା ପାଇଁ ଶପଥ ପାଠ କରିଥିଲେ । ପରେ ଗ୍ରାମବାସୀ ଏକତ୍ରିତ ହୋଇ ଗ୍ରାମ ସଫେଇ କରିଥିଲେ । ସେହିପରି ପ୍ରୟତନ ସଂସ୍ଥା ପକ୍ଷରୁ ପେଣ୍ଟା, ବେହେରାଗୁଡା, ଆଲୁବାଡିଠାରେ ମଧ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।




ଛାତ୍ରୀଛାତ୍ର ଓ ଗ୍ରାମବାସୀ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି ।

# ମହିଳାଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ

**ଗୁଣପୁର,୨।୧୦(ଡି.ଏନ.ଏ)**

ଗୁଣପୁର ବ୍ଲକ ଗୋଠଲପଦର ଗ୍ରାମରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଏବଂ ଶାଶୁ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ଏନେଇ ଗୁଣପୁର ଥାନାରେ ମହିଳାଙ୍କ ବାପା ନବୀନ ବେହେରା ଏହି ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ୨୦୧୫ରେ ଗୋଠଲପଦର ଗ୍ରାମର ରାମ ମହାଙ୍କୁଡଙ୍କ ପୁଅ ଗୋବର୍ଦ୍ଧନ ବିଷମକଟକ ଇନ୍ଦିରା କଲୋନିର ନବୀନ ବେହେରାଙ୍କ ଝିଅ ବୁନିଙ୍କୁ ବିବାହ କରିଥିଲେ । ପରିବାରରେ ବିଭିନ୍ନ ସମୟରେ ଅଶାନ୍ତି ଲାଗି ରହିଥିଲା । ମଙ୍ଗଳବାର ସକାଳେ ବୁନି ନିଜ ବାପାଙ୍କ ଘରକୁ ବାହାରିଥିଲେ । ଗୋବର୍ଦ୍ଧନ ତାଙ୍କୁ ବାଟରୁ ଫେରାଇ ନେଇଥିଲେ । କିଛି ସମୟ ପରେ ବୁନି କୀଟ ନାଶକ ପିଇ ଦେଇଥିଲେ । ସଙ୍ଗେ ସଙ୍ଗେ ଗୋବର୍ଦ୍ଧନ ତାଙ୍କୁ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ବୁନିଙ୍କ ବାପାମା ଗୁଣପୁର ଆସି ଥାନାରେ ଅଭିଯୋଗ କରିଥିଲେ । ମୋ ଝିଅଙ୍କୁ ପରିବାର ଲୋକେ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ। ଶେଷରେ ସେମାନେ ବିଷ ପିଆଇ ମୋ ଝିଅଙ୍କୁ ହତ୍ୟା କରିଥିଲେ ବୋଲି ବୁନିଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି । ଏତଲା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି ।

# ନିଶା ନିବାରଣ ନେଇ ଶୋଭାଯାତ୍ରା

**ଟିକିରି,୨।୧୦(ଡି.ଏନ୍.ଏ.)**

ମଙ୍ଗଳବାର କାଶିପୁର ବ୍ଲକର ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ହୋଇଯାଇଛି । ଏହି ଅବସରରେ ଗାନ୍ଧୀ ପ୍ରତିମୂର୍ତ୍ତି ଓ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରି ତାଙ୍କ ନୀତି ଆଦର୍ଶରେ ପରିଚାଳିତ ହେବାକୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଟିକିରି କାଶିପୁର, ଡଙ୍ଗାସିଲ , ଜୋନରେ ସଭାମାନ କରାଯାଇଥିଲା । ସ୍ଥାନୀୟ ତୋଟାଗୁଡାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରୁଆଇ ମାଝି, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି, ଉମା ଡୁରୁକ, ସାଦୁ ମାଝିଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ସରପଞ୍ଚମାନେ ଉପସ୍ଥିତ ଥିଲେ । ସେହିପରି ଟିକିରି, ଶଙ୍କରଡା ଆଦି ସ୍ଥାନରେ ବିଜୁ ଯୁବ ବାହିନୀ ପକ୍ଷରୁ ନିଶା ନିରାକରଣ ଅଭିଯାନରେ ଶୋଭାଯାତ୍ରାମାନ କରାଯାଇଥିଲା । ମଙ୍ଗଳବାର ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରେ ଗ୍ରାମସଭାମାନ କରାଯାଇଥିଲା । ନକଟିଗୁଡା ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ସରପଞ୍ଚ ହେମଲତା କାଡ୍ରାକା ଅଧକ୍ଷତା କରିଥିଲେ । ଉକ୍ତ ଗ୍ରାମସଭାରେ ସମିତି ସଭ୍ୟା ସଂଯୁକ୍ତା ମାଝି, ରବୀନ୍ଦ୍ର ନାୟକ, ସହିତ ବିଭିନ୍ନ ୱାର୍ଡର ସଭ୍ୟସଭ୍ୟାମାନେ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ । ନକଟିଗୁଡା ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରମୋଦ ଜାଲାକାର, ଜିଆରଏସ୍ ଭୁବନୀ ନାଏକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




ବିଜୁ ଯୁବବାହିନୀ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

